### ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି

# 'ଲୋକଙ୍କ କଲ୍ୟାଣ ପାଇଁ ବିଜୁ ବାବୁ ଆଙ୍କିଥିଲେ ବିକାଶର ବିସ୍ତୃତ ନକ୍ସା'






**ବ୍ରହ୍ମଗିରି,୧୭।୪(ସମିସ)**

ବ୍ରହ୍ମଗିରି ବସଷ୍ଟାଣ୍ଡ ଠାରେ ଆଜି ବିଜୁ ପଟ୍ଟନାୟଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଛି। ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ୨ ହଜାରରୁ ଊର୍ଦ୍ଧ୍ୱ ବିଜୁ ପ୍ରେମୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶ୍ରୀ ଦାସବର୍ମା ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ବିଜୁ ବାବୁ ଲୋକଙ୍କ କଲ୍ୟାଣ ପାଇଁ ଆଙ୍କିଥିଲେ ବିକାଶର ବିସ୍ତୃତ ନକ୍ସା। ତାଙ୍କର ପ୍ରତିଟି କାମ ଥିଲା ଓଡ଼ିଆ ଜାତିର ସ୍ୱାଭିମାନ ଓ ଗୌରବ ପାଇଁ। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଏବେ ଅନେକ କ୍ଷେତ୍ରର ଅଗ୍ରଣୀ ହୋଇଛି। ଲୋକଙ୍କ ହାତରେ କ୍ଷମତା ପ୍ରଦାନ କରି ସେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିଥିଲେ। ପାରାଦୀପ ବନ୍ଦରଠାରୁ ଆରମ୍ଭ କରି ଭୁବନେଶ୍ୱର ବିମାନବନ୍ଦର, ଭୁବନେଶ୍ୱର ସୈନିକ ସ୍କୁଲ, ଓୟୁଏଟି, ନାଲ୍‌କୋ, ସୁନାବେଡ଼ା ବିମାନ ଯନ୍ତ୍ରାଂଶ କାରଖାନା, ରାଉରକେଲା ଇସ୍ପାତ କାରଖାନାରେ ଏବେ ବି ଦିଶେ ତାଙ୍କର ସ୍ୱପ୍ନିଳ ବିକାଶର ଛାପ। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ସାଢ଼େ ଚାରି କୋଟି ଲୋକ ପାଞ୍ଚ ଥର ଓଡ଼ିଶାର ସେବା କରିବା ପାଇଁ ସୁଯୋଗ ଦେଇଛନ୍ତି। ଡବଲ ଇଞ୍ଜିନ ବିଜେପି ସରକାର ଶାସନ କ୍ଷମତାକୁ ଆସିବା ପରେ ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ପାଳନ କରିବାରେ ବନ୍ଦ କରିଦେଇଛି। ଏ ଡବଲ ଇଞ୍ଜିନ ବିଜେପି ସରକାର ଚାଷୀମାନଙ୍କ ଧାନ ମଣ୍ଡିରୁ ଉଠେଇ ପାରୁନାହାଁନ୍ତି, ୩୦୦ ୟୁନିଟ୍ ବିଜୁଳି ବିଲ୍ ଛାଡ଼ କରିବେ ବୋଲି କହିଥିଲେ, ଚାଷୀ ମାନଙ୍କୁ ଇନ୍ ପୁଟ ସବ୍‌ସିଡି ଦେବୁ, ବାର୍ଦ୍ଧକ୍ୟ ଭତ୍ତା ୩ କରି କରି ଦେବେ ବୋଲି ସ୍ୱପ୍ନ ଦେଖାଇଥିଲେ ତାହା ପୂରଣ କରିଲେ ନାହିଁ। ଆଜି ଏହି "ପ୍ରବାଦ ପୁରୁଷ ଦିବସ'ରେ ଆମେ ସମସ୍ତେ ଶପଥ ନେବା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବିଚାରଧାରାକୁ ଆଗେଇ ନେବା ବୋଲି କହିଥିଲେ। ଶେଷରେ ବ୍ରହ୍ମଗିରି ବ୍ଲକ୍ ଅଧ୍ୟକ୍ଷା ରତ୍ନବାଳା ବେହେରା ଧନ୍ୟବାଦ ଦେଇଥିଲେ।

ସଭାରେ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ପୁରୀ ସଦର ବ୍ଲକ ଦିବାକର ପାତ୍ର, ବ୍ରହ୍ମଗିରି ବ୍ଲକ ଉପାଧ୍ୟକ୍ଷ ମାଳିନୀ ଦଳାଇ, ଜିଲ୍ଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ଭାଇଲପୁର ସମିତି ସଭ୍ୟ କୀର୍ତ୍ତିବୀର୍ଜ୍ୟ ସ୍ୱାଇଁ, ବରିଷ୍ଠ ନେତା ବାଳକୃଷ୍ଣ ପେଣ୍ଡୋଇ, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରଫୁଲ୍ଲ କୁମାର ଜେନା, ନବ କିଶୋର ଷଣ୍ଢ, ଭଗବାନ ନାୟକ, ବ୍ରହ୍ମଗିରି ବ୍ଲକ ପୂର୍ବତନ ଅଧ୍ୟକ୍ଷା ନଳିନୀ ପ୍ରଭା ବରାଳ, ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ବରିଷ୍ଠ ଆଇନଜୀବୀ ଭାସ୍କର ଜେନା, ନାରୀନେତ୍ରୀ ମାନସୀ ହରିଚନ୍ଦନ, ସସ୍ମିତା ସାହୁ, ପ୍ରତିମା ଜେନା, ବ୍ରହ୍ମଗିରି ପଞ୍ଚାୟତ ସରପଞ୍ଚ ରାଧାରାଣୀ ଦଳେଇ, ସରପଞ୍ଚ ଅମୂଲ୍ୟ କୁମାର ଜେନା, ଗୌଡ଼କେରା ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନ, ହନ୍ତୁକ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ନରସିଂହ ପତି, କୃଷ୍ଣ ପ୍ରସାଦ ବ୍ଲକ୍ ଯୁବ ନେତା ଫାଲଗୁନି ଜାଲ୍ଲି, ବିଜୁ ଯୁବ ଜନତା ଦଳର ନେତା ଜୟନ୍ତ କୁମାର ମାହାନ୍ତି, ଯୁବ ନେତା ବିଜୟ କୁମାର ଦଳେଇ, ସର୍ବେଶ୍ୱର ପଲେଇଙ୍କ ସମେତ ବିଜୁ ଜନତା ଦଳର ବରିଷ୍ଠ ନେତା, ମହିଳା, ଯୁବ ଓ ଛାତ୍ରଙ୍କ ସମେତ ବହୁ ବିଜୁ କର୍ମୀ ଉପସ୍ଥିତ ଥିଲେ।

**ସାକ୍ଷୀଗୋପାଳ:** ସତ୍ୟବାଦୀ ବ୍ଲକ ଛକସ୍ଥିତ ବିଜୁ ମଣ୍ଡପରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ସତ୍ୟବାଦୀର ବିଜୁବାବୁ ସ୍ମୃତି ସଂସଦର ସଭାପତି ଅନନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ସ୍ମୃତି ଚାରଣ ସଭା ଆୟୋଜିତ ହୋଇଥିଲା। ସଭାରେ ନୀଳାଚଳ କୃଷକ ମହାସଙ୍ଘର ଉପଦେଷ୍ଟା, ତଥା ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ରୂପେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସ୍ମୃତି ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ଶତପଥି ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଯୁବ ସମାଜକୁ ଅନୁରୋଧ କରିଥିଲେ।ଉକ୍ତ ସଭାରେ ସତ୍ୟବାଦୀର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସହିତ ସତ୍ୟବାଦୀ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ପ୍ରହ୍ଲାଦ ଘଟୁଆରୀ, ବିଶ୍ୱନାଥପୁର ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ, ନାରାୟଣ ରାଉତରାୟ ବ୍ରଜକିଶୋର ବରାଳ, କୈଳାସ ଚନ୍ଦ୍ର ମହାପାତ୍ର, ସଂଗ୍ରାମ ମହାପାତ୍ର ଓ ବାନାମ୍ବର ଦୀକ୍ଷିତଙ୍କ ସହିତ ଶତାଧିକ ସାଥି ଯୋଗଦେଇ ବିଜୁବାବୁ ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ସର୍ବଶେଷରେ ସଂପାଦକ ଧନ୍ୟବାଦ ଅର୍ପଣକରି ସମସ୍ତ ଙ୍କୁ ସାଧୁବାଦ ଦେଇଥିଲେ।

**ପିପିଲି:** ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଡେଲାଙ୍ଗ ପିପିଲି ବିଜୁ ଜନତା ଦଳ ପକ୍ଷରୁ ପିପିଲିସ୍ଥିତ ବିଜେଡିର ଦଳୀୟ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି। ପିପିଲି ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ନେତୃତ୍ୱରେ ପିପିଲି ଦଳୀୟ ମୁଖ୍ୟ କାର୍ଯ୍ୟାଳୟ ଠାରେ ଶତାଧିକ ବିଜେଡି କର୍ମୀ ଓ ନେତୃବୃନ୍ଦ ଏକତ୍ରିତ ହୋଇ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ପିପିଲି ଏନଏସି ଅଧ୍ୟକ୍ଷ ସେକ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ନେତ୍ରୀ ବାସନ୍ତୀ ସାହୁ, ଡେଲାଙ୍ଗ ବ୍ଲକ୍ ଉପାଧ୍ୟକ୍ଷ ଦୁର୍ବାସା ନିଶାଙ୍କ, ଜିଲ୍ଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଯୁବ ନେତା ମନୋଜ ଦାଶ, ବିଶ୍ୱଜିତ ଦାଶ, ପ୍ରକାଶ ଧଳ, ଆର୍ତ୍ତବନ୍ଧୁ ସାମନ୍ତରାୟ, ବିରଜା ପଟ୍ଟନାୟକ,ସହ ଶତାଧିକ କର୍ମୀ ଏକତ୍ରିତ ହୋଇ ବିଜୁ ବାବୁଙ୍କ ସୃତିଚାରଣ କରିଥିଲେ। ଏହି ଅବସରରେ ଦଳ ପକ୍ଷରୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପିପିଲି ମେଡିକାଲରେ ରୋଗୀ ମାନଙ୍କୁ ଏବଂ ବୃଦ୍ଧା ଆଶ୍ରମ ରେ ଫଳ ବଣ୍ଟନ କରାଯାଇଥିଲା।






**ନିମାପଡ଼ା:** ନିମାପଡ଼ାରେ ଆଜି ପ୍ରବାଦପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବ୍ଲକ ସଭାପତି ଭାଗ୍ୟଧର ଖଟୋଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନିମାପଡ଼ା - ଗୋପ ସାଂଗଠନିକ ସମ୍ପାଦକ ସୁବ୍ରତ ଛାଟୋଇ, ପୁରୀ ଜିଲ୍ଲା ମହିଳା ସଭାନେତ୍ରୀ କସ୍ତୁରୀ ବାଳା ସ୍ୱାଇଁ, ଗୋପ ବ୍ଲକ୍ ସଭାପତି ମହେଶ୍ୱର ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟ କୁଞ୍ଜଲତା ସାମଲ, ଏନ୍‌ଏସି ସଭାପତି ଧନୁର୍ଦ୍ଧର ଦାସ, ଯୁବ ସଂଗଠକ ବିଜୟ ପଟ୍ଟନାୟକ, କୃପାସିନ୍ଧୁ ଦତ୍ତ, ସତ୍ୟବାଦୀ ମହାପାତ୍ର, ସରିତା ମହାପାତ୍ର, ରବୀନ୍ଦ୍ର ନାଥ ଦାଶ, ଦୁର୍ଲ୍ଲଭ ନାୟକ, ଅନିରୁଦ୍ଧ ତ୍ରିପାଠୀଙ୍କ ସମେତ ଶତାଧିକ କର୍ମୀ ଏକ ବାଇକ ଶୋଭାଯାତ୍ରାରେ ନିମାପଡ଼ା ନୂଆ ବସଷ୍ଟାଣ୍ଡ ନିକଟରୁ ବାହାରି ବଜାର ପରିକ୍ରମା କରି ତହସିଲ ଅଫିସ ନିକଟରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଥାନା ନିକଟରେ ଥିବା ସହିଦ ଉଛବ ମଲ୍ଲିକ, ଦୋଳବେଦୀ ଛକ ନିକଟରେ ଥିବା ସ୍ୱାଧୀନତା ସଂଗ୍ରାମୀ ମୋହନ ଦାଶ, ବ୍ଲକ ଛକ ନିକଟରେ ଥିବା ଜାତିର ପିତା ମହତ୍ମା ଗାନ୍ଧୀ, ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା।

**ଚାରିଛକ:** ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତଠାରେ ନିମାପଡ଼ା ବିଜେଡି ନେତା ଦିଲ୍ଲୀପ ନାୟକଙ୍କ ଆହ୍ୱାନରେ ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସଭାପତି ବଳରାମ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ନିମାପଡ଼ା ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଭୋଇ, ଏନ ଏସି ନେତା ଦିଲ୍ଲୀପ ପାତ୍ର, ଯୁବ ସଂଗଠକ ମାନସ ପ୍ରଧାନ, ତପନ ପଣ୍ଡା, ସୁଦର୍ଶନ ବେହେରା, ପୂର୍ବତନ ସମିତି ସଭ୍ୟ ପବିତ୍ର ମୋହନ ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ଦାସ, ଛଣିଜଙ୍ଗ ପଞ୍ଚାୟତ ସମିତି ସଭ୍ୟା ଲକୀବାଳା ନାୟକ, ଭଗବାନ ନାୟକ, ବାହାରଣା ପଞ୍ଚାୟତ ସଭାପତି ଦ୍ୱିଜବର ପ୍ରଧାନ, ତମ୍ପାଳ ପଞ୍ଚାୟତ ପୂର୍ବତନ ସରପଞ୍ଚ ଚୈତନ୍ୟ ସେଠୀ, ତୁଷାର କାନ୍ତ ସ୍ୱାଇଁ, ସନ୍ତୋଷ ରଥ, ପୂର୍ବତନ ସରପଞ୍ଚ ଅକ୍ଷୟ ପଡ଼ିଆରୀ, ସରପଞ୍ଚ ତପନ କୁମାର ମଲ୍ଲିକ, ସମିତ ସଭ୍ୟଙ୍କ ପ୍ରତିନିଧି ସୁଶାନ୍ତ କୁମାର ପଟ୍ଟନାୟକ, ବାବୁ ଦାସ, ପ୍ରଫୁଲ୍ଲ କୁମାର ନାୟକ, ଅମୀନ ନାୟକ, ଦୁର୍ଯ୍ୟୋଧନ ଦାସ, ତପନ କୁମାର ପ୍ରଧାନ, ପୁରୁଷୋତ୍ତମ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଖଟୋଇ, ପୂର୍ବତନ ସମିତି ସଭ୍ୟ ପ୍ରଦୀପ୍ତ କୁମାର ଦାସ, ସୁଶାନ୍ତ କୁମାର ପଣ୍ଡା, ପ୍ରେମାନନ୍ଦ ସ୍ୱାଇଁ, ପ୍ରଫୁଲ୍ଲ କୁମାର ନାୟକ, କାଶୀ ସିଠ ପ୍ରମୁଖ ଯୋଗଦେଇଥିଲେ।

**ଡେଲାଙ୍ଗ:** ଡେଲାଙ୍ଗ ହାଟ ବଜାରରେ ପ୍ରବାଦପୁରୁଷ ବିଜୁବାବୁଙ୍କ ୨୯ ତମ ତିରୋଧାନ ଦିବସ ପାଳନ କରାଯାଇଛି। ଜିଲ୍ଲାପରିଷଦ ପ୍ରସନ୍ନ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ମହିଳା ନେତ୍ରୀ ବାସନ୍ତୀ ସାହୁ, ଗଡ଼ମୋଟରୀ ସମିତିସଭ୍ୟ ଲଲାଟକେଶରୀ ସାମନ୍ତରାୟ, ପୂର୍ବତନ ସରପଞ୍ଚ ନବଘନ ପ୍ରଧାନ, ବିପିନୀ ବିହାରୀ ନରେନ୍ଦ୍ର, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ରବିନାରାୟଣ ତାଡ଼, ବିଜେଡି ବ୍ଲକ୍ ସଭାପତି ବିପନ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବିଜୁ ଜନତା ଦଳର ସମର୍ଥକଙ୍କ ଉପସ୍ଥିତରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା।



ବିଜୁବାବୁଙ୍କ ଦେଶ ପ୍ରତି ଥିବା ତ୍ୟାଗ, ନିଷ୍ଠାପର ସେବା,ବଳିଦାନକୁ ମନେ ପକାଇ ତାଙ୍କ ଆର୍ଦଶରେ ଅନୁପ୍ରାଣିତ ହେବାପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ।

## ସହିଦ ଉପେନ୍ଦ୍ରଙ୍କ ବାର୍ଷିକ ସ୍ମୃତି ସମାରୋହ

**ଚାରିଛକ,୧୭।୪(ସମିସ):** ଚାରିଛକସ୍ଥିତ ଅନନ୍ତ ବାସୁଦେବ ସରକାରୀ ଉ.ପ୍ରା ବିଦ୍ୟାଳୟ ପାଳଶ୍ରୀ ଠାରେ ସହିଦ ଉପେନ୍ଦ୍ର ଭୋଇଙ୍କ ୨୫ ତମ ବାର୍ଷିକ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉପେନ୍ଦ୍ର ଏପ୍ରିଲ ୧୭ ତାରିଖ ୨୦୦୨ ମସିହାରେ କାରଗିଲ ଯୁଦ୍ଧରେ ସହିଦହୋଇଥିଲେ। ସିଆର୍‌ପିଏଫ୍ ଡିଆଇଜିଙ୍କ ଦ୍ୱାରା ଆୟୋଜିତ ସ୍ମୃତି ସମାରୋହରେ ପ୍ରଧାନଶିକ୍ଷକ ବିଜୟ ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ସିଆରପିଏଫ ଏସ୍‌ଆଇ ଭୁବନେଶ୍ୱର ପୁରୁଷୋତ୍ତମ କର, ସରପଞ୍ଚ ସସ୍ମିତା ଖଟୋଇ, ସମିତିସଭ୍ୟା ସୁମିତ୍ରା ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ ସେଠୀ, ଚାରିଛକ ଥାନା ଏଏସ୍‌ଆଇ ଇନ୍ଦୁଲତା ମିଶ୍ର, ଏଏସଆଇ ସବିତା କୁମାରୀ ଦେବୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଅଶୋକ କୁମାର ସ୍ୱାଇଁ, ସିଆରସିସି ଅବଦୁଲ ମିସକିନ୍ ଖାନ୍, ଶରତ ଖଟୋଇ, ସୁକାନ୍ତ ନାୟକ, ବୈରାଗୀ ସ୍ୱାଇଁ, ପଞ୍ଚାୟତ ବିଜେପି ସଭାପତି ସୁକାନ୍ତ ସ୍ୱାଇଁ, ଶହୀଦଙ୍କ ଧର୍ମପତ୍ନୀ ସୁଷମା ଭୋଇ ପ୍ରମୁଖ ଯୋଗଦେଇ ଶହୀଦଙ୍କ ସ୍ମୃତି ଚାରଣ କରିଥିଲେ। ଶହୀଦଙ୍କ ନିଜଗ୍ରାମ କଟକ ଜିଲ୍ଲା ନିଆଳୀ ଥାନା ପିତାପଡ଼ା ଗ୍ରାମରେ ତାଙ୍କର ଏକ ପ୍ରତମୂର୍ତ୍ତି ସ୍ଥାପନ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ଶେଷରେ ସହକାରୀ ଶିକ୍ଷକ ଲିଙ୍ଗରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଏଭି ପରିଦର୍ଶନ କଲେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ



**ସାକ୍ଷୀଗୋପାଳ,୧୭।୪(ସମିସ):** ଆଜି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ମିସ୍ ଦୀପ୍ତିରାଣୀ ସାହୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ ପରିଦର୍ଶନ କରି ଶୈକ୍ଷିକ ଉତ୍କର୍ଷତା ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶର ସମୀକ୍ଷା କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ଅତିରିକ୍ତ ସଚିବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅତିରିକ୍ତ ସଚିବ ମିସ ସାହୁ ସମ୍ପୂର୍ଣ୍ଣ କ୍ୟାମ୍ପସ ପରିଦର୍ଶନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ଏବଂ ସି.ଆର.ସି.ସି ସୁନୀଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ସଚିବ ମିସ ସାହୁ ବିଦ୍ୟାଳୟର ଉନ୍ନତ ଭିତ୍ତିଭୂମି, ବିଜ୍ଞାନ ଗାର, ପାଠାଗାର ଏବଂ ପରିମଳ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ।

ବିଦ୍ୟାଳୟର ଶୃଙ୍ଖଳିତ ବାତାବରଣ ଓ ମନୋରମ ପରିବେଶ ଦେଖି ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜଣାଇବା ସହ ଏହାକୁ ଏକ ସମ୍ମିଳିତ ପ୍ରୟାସ ବୋଲି ଅଭିହିତ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଜ୍ଞାନର ପରିସୀମା ବୃଦ୍ଧି ପାଇଁ ନିୟମିତ ପୁସ୍ତକ ପଠନ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଏହି ପରିଦର୍ଶନ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା, ଯାହା ବିଦ୍ୟାଳୟକୁ ସଫଳତାର ନୂତନ ଶିଖରକୁ ନେବା ପାଇଁ ଅନୁପ୍ରାଣିତ କରିଛି।

**● ବିଦ୍ୟାଳୟର ବାର୍ଷିକ ଉତ୍ସବ**

## ଛାତ୍ରଛାତ୍ରୀ ଶୃଙ୍ଖଳିତ ହେବାକୁ ଆହ୍ୱାନ



**ଡେଲାଙ୍ଗ,୧୭।୪(ସମିସ):** ଡେଲାଙ୍ଗ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସତ୍ୟନାରାଣ ଆଚାର୍ଯ୍ୟ, ପ୍ରାକ୍ତନ ସଂସ୍କୃତି ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର, ଶୈଳବାଳା ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାଦେବୀ ରାଉତରାୟ, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଶିକ୍ଷକ ସଂଘ ସଂପାଦକ ପ୍ରଶାନ୍ତ ଦାସ, ଶିକ୍ଷାବିତ ରାମଚନ୍ଦ୍ର ଦାଶ, ସନ୍ତୋଷ ମହାନ୍ତି, ଲକ୍ଷ୍ମୀପ୍ରସାଦ ପାଣି, ନିରଞ୍ଜନ ସାହୁ, ପ୍ରାକ୍ତନ ଏବିଇଓ ଶ୍ୟାମସୁନ୍ଦର ଦାସ, ପୁର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ, ସିଆରସିସି କ୍ଷେତ୍ରବାସୀ ଆଲୁକ, ଶିକ୍ଷକ ଶୈଳେନ୍ଦ୍ର କୁମାର ସାବତ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ପିଲାମାନଙ୍କର ଶୃଙ୍ଖଳା ଦିଗରେ ଗୁରୁତ୍ୱଆରୋପ କରିଥିଲେ। ଏହି ଅବସରରେ ୫ମ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ମେଧାବୀ ଆଧଜିତ ବେହେରା, ଆଶୁତୋଷ ସମାନ୍ତରାୟ, ସୋନିଆ ଅନସାରୀ, ସମାଜସେବୀ କୃଷ୍ଣଚନ୍ଦ୍ର ସାମନ୍ତରାୟ, ପରିଚାଳନା କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ସେଠୀଙ୍କ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଦସ୍ୟ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶ୍ରେଷ୍ଟ ଶିକ୍ଷକ ଭାବେ ପ୍ରଧାନ ଶିକ୍ଷକ ଶ୍ରୀ ସାହୁ, ଶ୍ରେଷ୍ଟ ଅଭିଭାବକ ଭାବେ ନବଘନ ବେହେରା, ଶ୍ରେଷ୍ଟ ଛାତ୍ରୀ ଭାବେ ସିମରନ୍ ଆସିମଙ୍କୁ ଅତିଥିମାନେ ମାନପତ୍ର ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅପରାହ୍ନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଶିଷ ରଞ୍ଜନ ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଟିକେଇ ଦଳାଇ, ଅଜୟ ପ୍ରଧାନ, ମାନସ ସ୍ୱାଇଁ, ପାପଲିନ୍ ପ୍ରଧାନ, ସତ୍ୟଭମା ବେହେରା, ଜିତେନ୍ଦ୍ର ସେଠୀ, ଦିଲୀପ ସମାନ୍ତରାୟ, ଶକ୍ତିମୟୀ ପରିଡା, ଗୀତାରାଣୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

**ପୁରୀ,୧୭।୪(ସମିସ):** ପ୍ରତି ଆମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗରବିଜେ କରିଥା'ନ୍ତି। ଶୁକ୍ରବାର ରୁକ୍ମିଣୀ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ର କୂଳରେ ବିଜେ କରାଯାଇଥିଲା। ସେଠାରେ ସାଗରବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଯମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## କଣାସ ଅଞ୍ଚଳରେ ଗ୍ୟାସ୍ ଉପଭୋକ୍ତା ହତାଶ



**କଣାସ,୧୭।୪(ସମିସ):** ଇରାନ୍-ଆମେରିକା ଯୁଦ୍ଧ ଆରମ୍ଭ ଠାରୁ ଭାରତରେ ଗ୍ୟାସ ସଙ୍କଟ ଦେଖାଯାଇଥିବା ବେଳେ ଗ୍ୟାସ ନେଇଥିବା ପରିବାର ଗ୍ୟାସ ନ ପାଇ ଦୈନ ଅବସ୍ଥା ଭୋଗ କରୁଥିବା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କଣାସ ବ୍ଲକରେ। କଣାସ ବ୍ଲକରେ ଖଣ୍ଡହତା ଠାରେ ଥିବା ଏଚ୍‌ପି ଗ୍ୟାସ ବିତରକ ଗୋଦାମ ଆଗରେ ଶହଶହ ଗ୍ୟାସ ଉପଭୋକ୍ତା ଗ୍ୟାସ ନ ପାଇ ଆଜି ଗ୍ୟାସ ବିତରଣ ଗୋଦାମ ଆଗରେ ବସିରହିଥିବା ବେଳେ ଦିନତମା ଗ୍ୟାସ୍ ବିତରଣ କରୁଥିବା ବ୍ୟକ୍ତି ଗୋଦାମରେ .ବି ପକାଇଦେଇ କେଉଁ ଆଡେ .ଲିଯାଇଥିବା ଧାରଣାରେ ବସିଥିବା ବ୍ୟକ୍ତିମାନେ କୁହନ୍ତି। ଗଡ଼ସାହି ଗ୍ରାମର ମହିଳା ସଚଳା ମଲ୍ଲିକ ଗ୍ୟାସ ବୁକିଙ୍ଗ କରିଥିଲେ ୮ ଦିନ ହେଲା ତାଙ୍କ ପାଖକୁ ଓଟିପି ଆସିଛି। ସେହିପରି ପରିମାଣ୍ଡିପୁରର ଭଗବାନ ପରିଡା ଗ୍ୟାସ ବୁକିଙ୍ଗ କରିଥିଲେ ୮ ଦିନ ହେଲା ତାଙ୍କ ନିକଟକୁ ଓଟିପି ଆସିଛି। ଖଣ୍ଡହତା ଗ୍ରାମର ପ୍ରମୋଦ ପ୍ରଧାନ ଗ୍ୟାସ୍ ବୁକ୍ କରିଥିଲେ ୩ଦିନ ହେଲା ତାଙ୍କ ଓଟିପି ଆସିଲାଣି। ଯେଉଁ ମାନଙ୍କର ୮ ଦିନ ହେଲା ଓଟିପି ଆସିଲାଣି ସେମାନେ ୮ ଦିନ ହେଲା ଦୈନଦିନ ଗ୍ୟାସ୍ ପାଇଁ ଡିପକୁ ଦୌଡୁଛନ୍ତି। ବିତରକ ସବୁବେଳେ ଗ୍ୟାସ ଆସିନାହିଁ କହି ଫେରାଇଦେଉଛନ୍ତି। ଆଜି ଶତାଧିକ ବ୍ୟକ୍ତି ଗୋଦାମ ଆଗରେ ଦିନତମାମ ବସିରହିଛନ୍ତି ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ୟାସ୍ ଉପଭୋକ୍ତାମାନେ ଦାବିକରିଛି।

## ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ



**ଚାରିଛକ,୧୭।୪(ସମିସ):** ଚାରିଛକ ନିକଟସ୍ଥ ତମ୍ପାଳ ପଞ୍ଚାୟତ ଚଢେଇଗାଁରେ ଥିବା ସିଦ୍ଧ ମହାବୀରଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ମହାବୀରଙ୍କ ଚଳିତ ପ୍ରତିମାକୁ ସ୍ୱତନ୍ତ୍ର ସୁସଜ୍ଜିତ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ବିଶ୍ୱଶାନ୍ତି ମହାଯଜ୍ଞ ଚାରିଦିନ ଧରି ଚାଲିଥିଲା। ମହାଯଜ୍ଞ ପୂଜା କର୍ମରେ ମୁଖ୍ୟ କର୍ତ୍ତା ଭାବେ ରଶ୍ମି ରଞ୍ଜନ ମାଝୀ କର୍ତ୍ତି ଭାବେ ରେଣୁବାଳା ମାଝୀ ରହିଥିଲେ। ସେହିପରି ସହକାରୀ କର୍ତ୍ତା ଭାବେ ନଳୀନ କାନ୍ତ ପଡ଼ିଆରୀ ଓ କର୍ତ୍ତୀ ଭାବେ ଡ଼ଲି ପଡ଼ିଆରୀ ପୂଜା କର୍ମରେ ବସିଥିଲେ। ପଣ୍ଡିତ ଲିଙ୍ଗରାଜ ମିଶ୍ର, ବିଜୟକୃଷ୍ଣ ତ୍ରିପାଠୀ, ତ୍ରିଲୋଚନ ପାଢ଼ୀ, ବିରଞ୍ଚି ନାରାୟଣ ତ୍ରିପାଠୀ, ଅକ୍ଷୟ କୁମାର ନନ୍ଦ ପ୍ରମୁଖ ଯଥା ରୀତି ଅନୁଯାୟୀ ଯଜ୍ଞ ପୂଜା କାର୍ଯ୍ୟକ୍ରମ ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ରମେଶ ଖଟୋଇ, ପଦ୍ମ ଚରଣ ମଲ୍ଲିକ, ଅକ୍ଷୟ କୁମାର ପଡ଼ିଆରୀ ସହିତ ଗ୍ରାମର ସମସ୍ତ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ, ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

## ନୟାହାଟରେ ବିଜେପିର କର୍ମୀ ବୈଠକ



**ନୟାହାଟ,୧୭।୪(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ୧୪ ନମ୍ବର ଜୋନ୍ ବିଜେପି ପକ୍ଷରୁ ଏକ କର୍ମୀ ବୈଠକ ପାଣିଛତ୍ର ନିକଟସ୍ଥ ଶ୍ରୀହରି କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିଶ୍ୱରଞ୍ଜନଙ୍କ ନେତୃତ୍ୱରେ ଉକ୍ତ ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରଣକୌଶଳ ପ୍ରସ୍ତୁତ କରାଯାଇଥିଲା। ପଞ୍ଚାୟତ ନିର୍ବାଚନରେ ବିଜେପି କିପରି ଜିତିବ ସେଥିପାଇଁ ଏକ କମିଟି ଗଠନ କରାଯାଇଥିଲା। ସେଥିରେ ପ୍ରତି ପଞ୍ଚାୟତରେ ଦୁଇଜଣ ବରିଷ୍ଟ କର୍ମୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ବୈଠକରେ କେଦାର ନାଥ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇ ପଞ୍ଚାୟତ ନିର୍ବାଚନ ପାଇଁ ଏକ କମିଟି ଗଠନ କରଯାଇଥିଲା। ଭାଗୀରଥି ଦଳାଇ ମୁଖ୍ୟ ଉପଯେଷ୍ଟା କମିଟିର ସଦସ୍ୟ ଭାବେ ଭବାନୀ ଶଙ୍କର ମହାନ୍ତି, ଅନନ୍ତ ଚରଣ ସାହୁ, ଭାବଗ୍ରାହୀ ପରିଡ଼ା, ରଞ୍ଜନ କୁମାର ପାତ୍ର, ସମିତିସଭ୍ୟ ପ୍ରଫୁଲ୍ଲ ସ୍ୱାଇଁ, ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ, ରଘୁନାଥ ବିଶ୍ୱାଳ, ଜୟନ୍ତ ସେଠ, ପୁନା ସେନ, ଗଜେନ୍ଦ୍ର ପାତ୍ର, ସୁଶାନ୍ତ କୁମାର ପରିଡ଼ା, ଅକ୍ଷୟ ମହାନ୍ତି ପ୍ରମୁଖ ୩୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

ସକାଳ
THE SAKALA



# ବିଜୁବାବୁଙ୍କ ଶ୍ରାଦ୍ଧଦିବସ ପାଳିତ



**ନୟାଗଡ଼,୧୭।୪(ସମିସ)**

ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ବିଜୁ ବାବୁଙ୍କ ପ୍ରତି ଓଡ଼ିଆଙ୍କ ମନରେ ଥିବା ସମ୍ମାନ ବଳବତ୍ତର ରହିବ ବୋଲି ଅନେକେ ମତ ଦେଇଛନ୍ତି। ଏହି ଅବସରରେ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟପର୍ଣ କରାଯାଇଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର କହଁର, କ୍ଷୀରୋଦ ମହାପାତ୍ର, ସରୋଜ କୁମାର ରଣସିଂଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଶତାଧିକ ସଂଖ୍ୟାରେ ବିଜୁପ୍ରେମୀ ସାମିଲ ହୋଇ ବିଜୁବାବୁ ଅମର ରହେ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ନୟାଗଡ଼ ବିଧାୟକ ଏବଂ ସମସ୍ତ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପାନୀଳିମା ଲାକ୍ରାଙ୍କ ସହ ଚିକିତ୍ସା କ୍ଷେତ୍ରରେ ଉନ୍ନତି ଏବଂ ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

**ଗଣିଆ:** ଝଡ଼ର ଇଗଲ ତଥା ଓଡ଼ିଆ ଜାତିର ମହାନ ଜନନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧଦିବସ ପାଳିତ ହୋଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଜଳାଶୟରେ ତିଳତର୍ପଣ କରାଯାଇଥିଲା। ବଜାରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଶାଳ ବାଇକ୍ ଶୋଭାଯାତ୍ରାରେ ହଜାର ହଜାର ବିଜୁପ୍ରେମୀ ଆସି ସ୍ଥାନୀୟ ମେଳିଆ ତୋଟା ନିକଟରେ ଏକତ୍ରିତ ହୋଇଥିଲେ। ସେଠାରେ ଆୟୋଜିତ ସଭାରେ ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ପୂର୍ବତନ ଗଣିଆ ବ୍ଲକ ଅଧ୍ୟକ୍ଷ ତଥା ଗଣିଆ ବିଜେଡି ସଭାପତି ଶେଷଦେବ ସ୍ୱାଇଁଙ୍କ ସମେତ ଦଶପଲ୍ଲା, ନୂଆଗାଁ ବ୍ଲକର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ବିଜୁବାବୁ ଜଣେ ସ୍ୱାଭିମାନୀ ଓଡ଼ିଆ ଭାବେ ଆଜି ବି ଜନଗଣଙ୍କ ମନରେ ଘର କରି ରହିଛନ୍ତି ବୋଲି ବିଧାୟକ ବେହେରା ପ୍ରକାଶ କରିଥିଲେ। ବିଜେଡି ଓଡ଼ିଶାର ଲୋକଙ୍କ ପାଇଁ ଅନେକ ଜନହିତକର ଯୋଜନା କରିଛି। ବିଜୁବାବୁଙ୍କ ପୁଅ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ବହୁ ଆଗକୁ ଯାଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ବିଧାୟକଙ୍କ ନେତୃତ୍ୱରେ ଦଶପଲ୍ଲାରେ ବିଜେଡି ଦିନକୁ ଦିନ ଲୋକଙ୍କ ଆସ୍ଥାଭାଜନ



ହୋଇପାରିଛି। ଦଳ ହାରିଥିଲେ ମଧ୍ୟ ବିଧାୟକ ବେହେରା ଆଜି ବି ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ଲୋକପ୍ରିୟ ହୋଇପାରିଥିବା ପୂର୍ବତନ ଗଣିଆ ବ୍ଲକ ସଭାପତି ମହେଶ୍ୱର ମହାରଣା ପ୍ରକାଶ କରିଥିଲେ। ସଞ୍ଜୁକ୍ତା ଦାଶଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

**ଖଣ୍ଡପଡ଼ା/ଭାପୁର:** ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ତରଫରୁ ଖଣ୍ଡପଡ଼ା ଓ ଭାପୁର ବ୍ଲକର ଛାମୁଆ ନେତା ଓ କର୍ମୀଙ୍କୁ ନେଇ ଭାପୁର ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସକୁ 'ପ୍ରବାଦ ପୁରୁଷ ଦିବସ' ରୂପେ ପାଳନ କରାଯାଇଛି। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ବିଜେଡି ନେତା ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବର୍ଷିୟାନ ନେତା ବିଜୟ କୁମାର ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ନବୀନ ଓଡ଼ିଶାର ସ୍ଥପତି, ରାଷ୍ଟ୍ରନାୟକ, ଓଡ଼ିଆ ଜାତିର ମହାନାୟକ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକର ଅଧ୍ୟକ୍ଷା ଉପମା ବେହେରା, ଭାପୁର ବ୍ଲକ ସଭାପତି ଶିବପ୍ରସାଦ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଧର୍ମେନ୍ଦ୍ର କୁମାର ଧଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝୀ, ମଧୁସୂଦନ ରଥ, ସନ୍ତୋଷ କୁମାର ତ୍ରିପାଠୀ, ଶ୍ରୀନିବାସ ପୃଷ୍ଟି, ବୈକୁଣ୍ଠନାଥ ଗୋଛି, ମନୋରଞ୍ଜନ ବେହେରା, ମହିଳା ସଭାନେତ୍ରି କବିତା ମହାରଣା, ଶିକ୍ଷାବିତ ବୈକୁଣ୍ଠ ନାଥ ଦାଶ, ରବୀନ୍ଦ୍ରନାଥ ପଟ୍ଟନାୟକ, ବାଳଗୋପାଳ ଷଡ଼ଙ୍ଗୀ, ଗୀତିକାନ୍ତ ପଣ୍ଡା, ମାୟାଧର ମହାପାତ୍ର, ଭାପୁର ବ୍ଲକ ଯୁବ ସଭାପତି ସନ୍ତୋଷ କୁମାର ପାଲଟାସିଂହ ବିଜୁବାବୁଙ୍କ ଗୁଣଗାନ କରିଥିଲେ। ଖଣ୍ଡପଡ଼ା, ଭାପୁର ବ୍ଲକ ସମେତ ଖଣ୍ଡପଡ଼ା ଏନଏସିର ୫୦୦ରୁ ଅଧିକ ନେତା ଓ କର୍ମୀ ଯୋଗଦେଇଥିଲେ।

**ଶରଣକୁଳ:** ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକୀ ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶରଣକୁଳ ନିକଟ ଶିଖରପୁର କଲ୍ୟାଣ ମଣ୍ଡପରେ ରଣପୁର ବ୍ଲକ ବିଜେଡି ସଭାପତି ସଚ୍ଚିକାନ୍ତ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ପ୍ରତି ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସଭା ଆରମ୍ଭରେ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଗଠକ ଗିରିଜାକାନ୍ତ ମହାପାତ୍ର, ପୂର୍ବତନ ବ୍ଲକ ସଭାପତି ପାଣ୍ଡବ ସେଠୀ, ଶିଖରପୁର ସରପଞ୍ଚ ସନ୍ନ୍ୟାସୀ ପ୍ରଧାନ, ଦଳର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇ. ଦେବାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରକାଶ ରାଉତରାୟଙ୍କ ସମେତ ଶତାଧିକ ମହିଳା ବିଜେଡି କର୍ମୀ, ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଞ୍ଜୁକ୍ତା ପଢ଼ିଆରୀ, କିଶୋର ପଟ୍ଟନାୟକ, ମହିଳା ସଭାନେତ୍ରୀ ନର୍ମଦା ରାୟ, ଡମସାହି ସରପଞ୍ଚ ସୁନେଲୀ ଦଳବେହେରା ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



# ଡକାୟତି ଉଦ୍ୟମ ପଣ୍ଡ, ୨ ଗିରଫ

**ଗଣିଆ,୧୭।୪(ସମିସ):** ବଡ଼ଧରଣର ଡକାୟତି ଉଦ୍ୟମକୁ ଗଣିଆ ଥାନା ପୁଲିସ ପଣ୍ଡ କରିଛି। ଏହି ମାମଲାରେ ଦୁଇଜଣଙ୍କୁ ଗିରଫ କରାଯାଇଛି।



- **୫ ଖଣ୍ଡା, କାର, ବୁଲେଟ ଜବତ**
- **ଖସିଗଲେ ୬ ଡକାୟତ**

ଘଟଣାସ୍ଥଳରୁ ୫ଟି ଖଣ୍ଡା, ଗୋଟିଏ କାର ଏବଂ ଗୋଟିଏ ବୁଲେଟ ବାଇକ୍ ଜବତ କରାଯାଇଛି। ଘଟଣାସ୍ଥଳରୁ ୬ଜଣ ଫେରାର ହୋଇଯାଇଥିବା ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକ ହୋଇଥିବା ବେଳେ ଅନ୍ୟ ଜଣକ ଭୁବନେଶ୍ୱର ନୀଳାଦ୍ରିବିହାର ଅଞ୍ଚଳର ପପୁନି ରଖିତ ବୋଲି ଜଣାପଡ଼ିଛି। ଗଣିଆ ବ୍ଲକ କିଶୋର ପ୍ରସାଦଠାରେ ଗୁରୁବାର ବିଳମ୍ବିତ ରାତିରେ ଗୋଟିଏ କାରରେ କିଛି ଅଜଣା ଯୁବକ ଥିବା ଖବର ପାଇ ଗଣିଆ ଥାନା ଏଏସଆଇ ଶାହା ଆଲାମ ଖାଁ, କନେଷ୍ଟବଳ ଦିଲୀପ କୁମାର ନାହାକ ସେଠାରେ ଚଢ଼ଉ କରିଥିଲେ। ଥାନା ଗାଡ଼ି ଦେଖି ୬ ଜଣ ଦୌଡ଼ି ପଳାଇଥିବା ବେଳେ ୨ ଜଣଙ୍କୁ ଧରିବାରେ ପୁଲିସ ସକ୍ଷମ ହୋଇଛି। କାର ଭିତରେ ପୁଲିସ ୫ଟି ବଡ଼ ଖଣ୍ଡା ଦେଖି ସନ୍ଦେହ ହେବାରୁ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ଦ୍ୱୟ ସବୁ ସତ ଉଗାଳିଥିଲେ।



ଫେରାର ଅଭିଯୁକ୍ତଙ୍କ ସମ୍ପର୍କରେ ପୁଲିସ ଖୋଳତାଡ଼ ଜାରି ରଖିଛି। ଖୁବଶୀଘ୍ର ସେମାନେ ଧରାପଡ଼ିବେ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ତେବେ ପ୍ରକୃତରେ ଏମାନେ ଡକାୟତି କରିବାକୁ ଆସିଥିଲେ ନା ଅନ୍ୟ କିଛି ଅପରାଧ କରିବାକୁ ଯୋଜନା କରୁଥିଲେ ତାହା ତଦନ୍ତ ପରେ ସାମ୍ନାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ନ୍ୟାୟ ସଂହିତା ସଚେତନତା କର୍ମଶାଳା

**ଓଡ଼ଗାଁ,୧୭।୪(ସମିସ):** ଓଡ଼ଗାଁ ଆଦର୍ଶ ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କିତ ଆଇନଗତ ସଚେତନତା କାର୍ଯ୍ୟକ୍ରମ ପିଏମ୍‌ଶ୍ରୀ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଓ କାର୍ଯ୍ୟପ୍ରଣାଳୀ ଉପରେ ଆଲୋଚନା କରାଯାଇଥିଲା। ଓଡ଼ଗାଁ ଆଦର୍ଶ ଥାନା ଏସ୍‌ଆଇ ଚକ୍ରଧର ସିଂ, ଏଏସଆଇ ମନୋରଞ୍ଜନ ଦେହୁରୀ, ଟିଟୁବାଳା ବେହେରା, ବରିଷ୍ଠ ସାମ୍ବାଦିକ ସାରସ କୁମାର ମିଶ୍ର ଓ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ଅନ୍ୟ ପୁଲିସ କର୍ମଚାରୀମାନେ ଯୋଗଦେଇଥିଲେ। ଏସ୍‌ଆଇ ସିଂ ପ୍ରାୟ ଛାତ୍ରୀଙ୍କୁ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଓ ଏହାର ପ୍ରୟୋଗ ସମ୍ପର୍କରେ ବୁଝାଇଥିଲେ। ଘଟୁଥିବା ଅପରାଧ ସମ୍ପର୍କରେ ପୁଲିସକୁ ସୂଚନା ଦେବା ଓ ତଦନ୍ତ କାର୍ଯ୍ୟରେ ସହଯୋଗ କରିବାର ଆବଶ୍ୟକତା ଉପରେ ସେ ଜୋର ଦେଇଥିଲେ। ସେ କହିଥିଲେ ଯେ ଆଇନ ଅନୁଯାୟୀ ୭ ବର୍ଷରୁ କମ୍ ଜେଲ ଦଣ୍ଡଯୋଗ୍ୟ ମାମଲାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ନ କରି ଥାନାରୁ ଧାରା-୩୫ ଅନୁସାରେ ଜାମିନ ଦିଆଯାଇପାରିବ। ଏଣୁ ଏନେଇ ଲୋକଙ୍କ ମଧ୍ୟରେ କୌଣସି ଭ୍ରମ ରହିବା ଉଚିତ ନୁହେଁ ବୋଲି ସେ ସ୍ପଷ୍ଟ କରିଥିଲେ। ଦୈନନ୍ଦିନ ଜୀବନରେ ଆଇନର ପ୍ରୟୋଗ ଓ ପୁଲିସର ଭୂମିକା ସମ୍ପର୍କରେ ସଚେତନ କରାଯାଇଥିଲା। ପୁଲିସ ଜନତାଙ୍କ ବନ୍ଧୁ ଓ ବିପଦ ସମୟରେ ନିର୍ଭୟରେ ପୁଲିସର ସହାୟତା ନେବାକୁ ସାମ୍ବାଦିକ ସାରସ କୁମାର ମିଶ୍ର ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ ପୁଲିସ ବିଭାଗର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱଶାନ୍ତି ନିମନ୍ତେ ଅଷ୍ଟପ୍ରହର ନାମଯଜ୍ଞ

**ଶରଣକୁଳ,୧୭।୪(ସମିସ):** ଶରଣକୁଳ ନିକଟ ଚଢ଼େୟାପଲ୍ଲୀ ଗ୍ରାମ ମା' ରତ୍ନମାଳାଙ୍କ ପୀଠ ଚଣ୍ଡୀମଠ ଆଶ୍ରମ ନାଗାବାବା ମହନ୍ତ ଦାମୋଦରଙ୍କ ତତ୍ତ୍ୱାବଧାନରେ ବିଶ୍ୱ କଲ୍ୟାଣ ନିମନ୍ତେ ତିନିଦିନ ଧରି ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଗୁରୁବାର ପୀଠରେ ଠାକୁରଙ୍କ ଅଧିବାସ ସହ ପୂଜାର୍ଚ୍ଚନା କରାଯାଇ ଅପରାହ୍ନରେ ସାଧୁ ସମ୍ମିଳନୀ ଏବଂ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଭୋରରୁ ପୂଜାର୍ଚ୍ଚନା କରାଯାଇ ଘୃତଯଜ୍ଞ ଏବଂ ଅହୋରାତ୍ର ନାମ ସଂକୀର୍ତ୍ତନ କରାଯାଇଛି। ନାମଯଜ୍ଞରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ବିଭିନ୍ନ ଗ୍ରାମର ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଛନ୍ତି। ମା'ଙ୍କ ପୀଠରେ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବା ବେଳେ ଆଶ୍ରମ ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଶନିବାର ସକାଳେ ଘୃତଯଜ୍ଞ, ନାମଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯାଇ ନଗର ପରିକ୍ରମା ଓ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ରହିଛି।

# ସମାଜସେବୀଙ୍କ ପରଲୋକ

**କଣ୍ଟିଲୋ,୧୭।୪(ସମିସ):** କଣ୍ଟିଲୋ ଖୁଦବେହେରା ପାଟଣାର ସାମାଜିକ କର୍ମୀ ପ୍ରମୋଦ କୁମାର ବେହେରା (୬୬)ଙ୍କର ପରଲୋକ ହୋଇଛି। ସେ କିଛି ମାସ ଧରି ଅସୁସ୍ଥ ରହି ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଜଣେ ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ରୂପେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ତାଙ୍କ ଦେହାନ୍ତରେ ଶୋକ ପ୍ରକାଶ ପାଇଛି।

**● ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ**

# ରାଜସ୍ୱ ଆଦାୟରେ ରାଜ୍ୟରେ ଆଗୁଆ

**ଓଡ଼ଗାଁ,୧୭।୪(ସମିସ):** ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜସ୍ୱ ଆଦାୟ କ୍ଷେତ୍ରରେ ରାଜ୍ୟରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା କହିଛନ୍ତି ଯେ ଏହି ଉପଲବ୍‌ଧି କେବଳ ଜଣେ ବ୍ୟକ୍ତିର ପ୍ରୟାସରେ ସମ୍ଭବ ହୋଇ ନ ଥାଏ। ରାଜସ୍ୱ ଆଦାୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କର ଏହା ସାମୂହିକ ଉଦ୍ୟମର ଫଳ। ୨୦୧୭ ଅଗଷ୍ଟ ୧୭ରେ ସ୍ଥାପିତ ଏହି ଏନ୍‌ଏସି ଅତି ସ୍ୱଳ୍ପ ସମୟରେ ଦ୍ରୁତ ବିକାଶ ହାସଲ କରି ପ୍ରଥମ ଥର ପାଇଁ ଏଭଳି ସଫଳତା ଲାଭ କରିପାରିଛି। ନଗରବାସୀଙ୍କ ସହଯୋଗକୁ ଏହାର ମୁଖ୍ୟ କାରଣ ଭାବେ ଉଲ୍ଲେଖ କରି ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ସହରବାସୀଙ୍କ ସହଯୋଗ ଲାଗି ରହିଲେ ଆଗାମୀ ଦିନରେ ଅଧିକ ବିକାଶମୂଳକ କାର୍ଯ୍ୟ ଆଗେଇ ପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସହରର ପରିମଳ ବ୍ୟବସ୍ଥା ସୁଦୃଢ଼ୀକରଣ ହୋଇଥିବା ବେଳେ ଆଖୁପଦରରେ ନିର୍ମିତ କଲ୍ୟାଣ ମଣ୍ଡପ କାମ ସମ୍ପ୍ରତି ଶେଷ ହୋଇଛି। ମହୋତ୍ସବ ପଡ଼ିଆ କଲ୍ୟାଣ ମଣ୍ଡପ ଓ ଓଡ଼ଗାଁ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମାପ୍ତ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୭୭ ଲକ୍ଷ ୨୨ ହଜାର ଟଙ୍କା ରାଜସ୍ୱ ଆଦାୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ୧ କୋଟି ୨୮ ଲକ୍ଷ ୯୦ ହଜାର ଟଙ୍କା ଆଦାୟ ହୋଇଛି। କେତେକ ସହରବାସୀ ବିଭିନ୍ନ ଆଳରେ ଲକ୍ଷ ଲକ୍ଷ ଟଙ୍କା ଜମା ନ ଦେଇ ରହିଥିବା ବେଳେ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନିର୍ବାହୀ ଅଧିକାରୀ କହିଛନ୍ତି।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗଣିଆ,୧୭।୪(ସମିସ):** ଗଣିଆ ବ୍ଲକ ଜଗନ୍ନାଥପ୍ରସାଦ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଯୁବନେତା ତଥା ଗଣିଆ ମଣ୍ଡଳ ବିଜେପି ସଭାପତି ମହାବୀର ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ବିଆରସିସି ବିନୋଦିନୀ ପଣ୍ଡା, ଅତିରିକ୍ତ ଶିକ୍ଷା ଅଧିକାରୀ ନିରୁପମା ମହାପାତ୍ର, ପ୍ରଧାନଶିକ୍ଷକ ସୁରେଶ କୁମାର ସାହୁ, ଶିକ୍ଷକ ବାମନ ଚରଣ ବାରିକି, ପରିଚାଳନା କମିଟି ସଭାପତି ରାଜକିଶୋର ସାହୁ, ସିଆରସିସି ପ୍ରସନ୍ନ କୁମାର ନାୟକ, ପରିଚାଳନା କମିଟି ସଭ୍ୟ ରଞ୍ଜନ କୁମାର ପ୍ରଧାନ, ମାନସ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ମହାପ୍ରଭୁଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ



କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ବିଦ୍ୟାଳୟ ତରଫରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସବୁବେଳେ ଶିକ୍ଷା ସହ ଖେଳକୁଦ, ନାଚଗୀତ ଆଦିରେ ମନୋନିବେଶ କଲେ ଉଜ୍ଜ୍ୱଳ ଭବିଷତ ଗଠନ କରିପାରିବେ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ଭଲ ପାଠପଢ଼ି ଅଞ୍ଚଳର ନାଁ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ କେଶବ ନାୟକ ମଞ୍ଚ ପରିଚାଳନା କରିଥିଲେ।

# ବିଷୁବ ସଂକ୍ରାନ୍ତି ଉପଲକ୍ଷେ କବିତା ପାଠୋତ୍ସବ

**ଓଡ଼ଗାଁ,୧୭।୪(ସମିସ):** ଓଡ଼ିଆ ନବବର୍ଷ ଓ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ନୟାଗଡ଼ ଜିଲ୍ଲା ଓଡ଼ଗାଁସ୍ଥିତ ରଘୁନାଥ ଆଥଲେଟିକ ଆସୋସିଏସନ୍ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ବିଷୁବ ମିଳନ ଓ




କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ଏହି ପବିତ୍ର ଦିନରେ ସୂର୍ଯ୍ୟଙ୍କ ମୀନ ରାଶିରୁ ମେଷ ରାଶିକୁ ଗମନ ସହ ଓଡ଼ିଆ ନବବର୍ଷ ଆରମ୍ଭ ହୋଇଥାଏ। ଏହା ସହ ଭକ୍ତଶ୍ରେଷ୍ଠ ମହାବଳି ହନୁମାନଙ୍କ ଜୟନ୍ତୀ ମଧ୍ୟ ପାଳିତ ହୁଏ। ପରମ୍ପରା ଅନୁଯାୟୀ ଓଡ଼ିଆ ଘରେ ପିଠାପଣା ଭୋଗ ସହ ନୂତନ ପାଞ୍ଜି ପୂଜା କରାଯାଏ। ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଏବଂ ଆସୋସିଏସନ୍ର ସମ୍ପାଦକ ଦିବାକର ନାୟକଙ୍କ ତତ୍ତ୍ୱାବଧାନରେ ବିଷୁବ ମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ପକ୍ଷ ପାଳନ ଶେଷ ଦିନରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଦିବାକର ନାୟକ ଓ ପ୍ରଫୁଲ୍ଲ କୁମାର ମାଝୀ ମଞ୍ଚାସୀନ ଥିଲେ। ଶରତ ଚନ୍ଦ୍ର ଷଡ଼ଙ୍ଗୀ, ପଞ୍ଚାନନ ପଣ୍ଡା, ଭାବଗ୍ରାହୀ ମହାପାତ୍ର, ସାରସ କୁମାର ମିଶ୍ର, ପ୍ରଦୀପ୍ତ କୁମାର ନାଏକ, ଦୁନିଆଁ ପ୍ରିୟଦର୍ଶିନୀ, ବର୍ଷାରାଣୀ ସାହୁ, ଲଳିତ ମୋହନ ମିଶ୍ର, ରମାକାନ୍ତ ପ୍ରଧାନ, ରାଜିବ ଲୋଚନ ବରାଡ଼ ପ୍ରମୁଖ କବି ସ୍ୱରଚିତ କବିତା ପାଠ କରି ଶ୍ରୋତାଙ୍କୁ ମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ କବିମାନଙ୍କୁ ତାଙ୍କ ସୃଜନଶୀଳତା ପ୍ରକାଶ ପାଇଁ ସୁଯୋଗ ମିଳିଥିଲା।

# ବିଜେପିରେ ମିଶି ଭାଣ୍ଡିଆ ହେବେ କି ସଭାପତି, ଉପସଭାପତି

**ନୟାଗଡ଼,୧୭।୪(ସମିସ)**

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ଓ ସମ୍ପାଦକଙ୍କ ମଧ୍ୟରେ ଚାଲିଥିବା ବିବାଦକୁ ନେଇ ଜିଲ୍ଲାର ସମସ୍ତ ସମବାୟ ସମିତି ତଥା ପ୍ୟାକ୍ସ ପରିଚାଳନା ପରିଷଦ ସହିତ ଠିଆ ହୋଇଥିଲା। ସମ୍ପାଦକଙ୍କୁ ବିରୋଧ କରି ତତ୍କାଳୀନ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ସାଧାରଣ ସଭାରେ ବିରୋଧ କରାଯାଇଥିଲା। ବ୍ୟାଙ୍କ ସମ୍ପାଦକ ଓ ପରିଚାଳନା ପରିଷଦ ମଧ୍ୟରେ ଗଣ୍ଡଗୋଳ ସ୍ଥିତି ଥାନାଠାରୁ ଆରମ୍ଭ କରି ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସବୁ ପରେ ବି ପରିଚାଳନା ପରିଷଦ କୌଣସି ସଫଳତା ପାଇ ନ ଥିଲା। ଜିଲ୍ଲାର ଜଣେ ନେତ୍ରୀଙ୍କ ଛତ୍ରଛାୟା ତଳେ ରହି କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ତାଙ୍କ କାର୍ଯ୍ୟ କରି ଚାଲିଥିଲେ। ପରିଚାଳନା ପରିଷଦକୁ କ୍ଷମତାଶୂନ୍ୟ କରି ଜିଲ୍ଲାପାଳଙ୍କୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶରେ ଆର୍ଥିକ କ୍ଷମତା ପ୍ରଦାନ କରାଯାଇଛି। ବ୍ୟାଙ୍କରେ ହୋଇଥିବା ଆୟକର ଘୋଟାଲାରେ ବ୍ୟାଙ୍କ ପରିଚାଳନା ପରିଷଦ ଅସଦ୍ ଉପାୟରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏକ ଘରୋଇ ସଂସ୍ଥାକୁ ଦେବା, ବିଭିନ୍ନ ପ୍ୟାକ୍ସରୁ ୧୫ ହଜାର ଲେଖାଏଁ ଆଦାୟ କରି ସେମାନଙ୍କୁ ଅଡୁଆରେ ପକାଇଥିଲା। ସବୁ ପରେ ବି ପରିଚାଳନା ପରିଷଦ ସଭାପତି ଓ ଉପସଭାପତିଙ୍କ ହାତଛାଡ଼ି ନ ଥିଲା। କିନ୍ତୁ ଗତ ଏପ୍ରିଲ ୧ ତାରିଖ ସଭାପତି ରବୀନ୍ଦ୍ର ନାଥ ସାହୁ ଓ ଉପସଭାପତି ମୌସୁମୀ ସାହୁଙ୍କ ସମେତ କିଛି ପ୍ୟାକ୍ସ ସଭାପତି ସମଗ୍ର ଜିଲ୍ଲାର ପ୍ୟାକ୍ସ ସଭାପତିଙ୍କ ସହ ଛଳନା କରି ବିଜେପିରେ ମିଶିଥିଲେ। କ୍ଷମତାକୁ ଫେରିବା, ଆଇନଗତ ଦୃଷ୍ଟିରୁ ନିଜକୁ ସୁରକ୍ଷିତ ରଖିବା ସେମାନଙ୍କ ମୂଳ ଲକ୍ଷ୍ୟ ଥିଲା ବୋଲି ଆଲୋଚନା ହେଉଥିଲା। ବିଜେଡି ସମର୍ଥନରେ ସଭାପତି ଓ ଉପସଭାପତି ପଦ ପାଇଥିବା ଦୁଇ ନେତା ଦଳ ସହ ବିଶ୍ୱାସଘାତକତା କରିଥିବା ଚର୍ଚ୍ଚା ହୋଇଥିଲା। ଏହା ପଛରେ ଆହୁରି ଅନେକ କାରଣ ମଧ୍ୟ ଉହ୍ୟ ଭାବେ ରହିଥିଲା।

- **ଚେଷ୍ଟା ସତ୍ତ୍ୱେ ବଦଳୁନାହାନ୍ତି ବ୍ୟାଙ୍କ ସମ୍ପାଦକ**
- **ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା ଜାରି**
- **ଏବେ ବି କ୍ଷମତାଶୂନ୍ୟ ଅବସ୍ଥାରେ ବୋର୍ଡ**

ଯେପରିକି ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକଙ୍କୁ ନୟାଗଡ଼ରୁ ହଟାଇବା ଏବଂ ଚାପ ସୃଷ୍ଟି କରୁଥିବା ନେତ୍ରୀଙ୍କଠାରୁ ବ୍ୟାଙ୍କକୁ ଦୂରେଇ ରଖିବା। ଦଳ ବଦଳାଇବାକୁ ଏହା ମଧ୍ୟରେ ୧୭ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ସୁଦ୍ଧା ବ୍ୟାଙ୍କ ସମ୍ପାଦକଙ୍କ ବଦଳି ନ ହେବା ଏବେ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଭିତିରିଆ ଚେଷ୍ଟା ସତ୍ତ୍ୱେ ବ୍ୟାଙ୍କ ସମ୍ପାଦକଙ୍କ ବଦଳି ନ ହେବା ସମସ୍ତଙ୍କୁ ଏବେ ବିବ୍ରତ କରିଛି।

ସମ୍ପାଦକଙ୍କ ବଦଳି ବିନା କୌଣସି ଉଦ୍ଦେଶ୍ୟ ସାଧନ ହୋଇପାରିବ ନାହିଁ ବୋଲି ସମସ୍ତେ ଜାଣିଛନ୍ତି। ଏଭଳି ସ୍ଥିତିରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା ଦିନକୁ ଦିନ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରୁ ୨୨୦ କର୍ମଚାରୀ ଅବସର ନେଇଛନ୍ତି। ୨୦୦୬ରୁ ଆଜି ସୁଦ୍ଧା ୨୦ ବର୍ଷ ବିତିଗଲାଣି। ଚାକିରି କାଳ ମଧ୍ୟରେ ଷଷ୍ଠ ଓ ସପ୍ତମ ବେତନ ପାଇନାହାନ୍ତି କର୍ମଚାରୀ। ୨୦୦୬ ଜାନୁଆରୀ ପହିଲାରୁ ସଂଶୋଧିତ ଗ୍ରାଚ୍ୟୁଇଟି ମଧ୍ୟ ପାଇନାହାନ୍ତି। ଉଚ୍ଚ ନ୍ୟାୟାଳୟ ୨୦୨୫ରେ ୩ ମାସ ମଧ୍ୟରେ କର୍ମଚାରୀଙ୍କ ବକେୟା ଷଷ୍ଠ ବେତନ ଏବଂ ସପ୍ତମ ବେତନ ହାରରେ ପରିଚାଳନା ପରିଷଦ ଦେବା ପାଇଁ ସମ୍ପୂର୍ଣ୍ଣ କ୍ଷମତାପ୍ରାପ୍ତ ବୋଲି ରାୟ ଦେଲେ। ଏହା ମଧ୍ୟରେ ୪ମାସ ବିତିବାକୁ ବସିଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅଣଦେଖା ଓ ଅବହେଳା କରାଯାଉଛି। ୪୦ ବର୍ଷ ପରିଶ୍ରମ କରିଥିବା କର୍ମଚାରୀମାନେ ଶୂନ୍ୟହସ୍ତରେ ଅବସର ନେଇଥିବା ବେଳେ ୫୫ ଜଣ ଇହଲୀଳା ସମ୍ବରଣ କରି ସାରିଲେଣି। ଅବଶିଷ୍ଟ ୧୭୦ ଜଣଙ୍କ ଅବସ୍ଥା ଦୟନୀୟ ରହିଛି। ଆଜିକୁ ୧୯ ଦିନ ହେବ ଅବସରପ୍ରାପ୍ତ କର୍ମଚାରୀମାନେ ଧାରଣାରେ ବସିଥିଲେ ମଧ୍ୟ ତାଙ୍କ କଥା ବିଚାରକୁ ନିଆଯାଉନାହିଁ। ସେମାନଙ୍କୁ ପ୍ରଚ୍ଛଦ ପଟରେ ରହି ସମର୍ଥନ ଦେଇଥିବା ନେତାଏ ଏବେ କ'ଣ କରିବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ଷଷ୍ଠ ଓ ସପ୍ତମ ବେତନ କମିଶନ ଆଧାରରେ ପ୍ରାପ୍ୟ ପ୍ରଦାନ କରିବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବ୍ୟାଙ୍କ କାର୍ଯ୍ୟକାରୀ କରୁ ନ ଥିବାରୁ ଧାରଣା ଦିଆଯାଇଛି। ଧାରଣାକୁ ନେଇ ବ୍ୟାଙ୍କ ସମ୍ପାଦକ କିମ୍ବା ଜିଲ୍ଲାପାଳ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। କିନ୍ତୁ ସେମାନେ ଦାବି ମୁତାବକ ପ୍ରାପ୍ୟ ପାଇଲେ ଫାଇଦା ମାରିବାକୁ ସ୍ୱପ୍ନ ଦେଖିଥିବା ନେତା ଏବେ ଭାଣ୍ଡିଆ ହେବାକୁ ବସିଛନ୍ତି। ଅନ୍ୟପକ୍ଷେ, ଦଳ ବଦଳାଇ କ୍ଷମତାକୁ ଫେରିବାକୁ ଲକ୍ଷ୍ୟ ରଖିଥିବା ସଭାପତି ଓ ଉପସଭାପତି ସତରେ କ୍ଷମତାକୁ ଫେରିବେ ନା ପୂର୍ବଭଳି ସ୍ଥିତି ଲାଗି ରହିବ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି।

# ଭାଲୁ ମୃତ୍ୟୁ ଘଟଣାରେ ସନ୍ଦିଗ୍ଧ ଅଟକ

ବେଗୁନିଆ,୧୭।୪ (ସମିସ): ବେଗୁନିଆ ଥାନା ଅନ୍ତର୍ଗତ ସାଲତରା ଗ୍ରାମ ସ୍ଥିତ ବିଲରୁ ଗତ ଜାନୁଆରୀ ମାସ ୫ ରିଖ ଦିନ ଏକ ଗାଢ଼ ଭାଲୁର ମୃତ୍ୟୁ ହୋଇଥିବାର ଖବର ପ୍ରଚାରିତ ହୋଇଥିଲା। ଖବର ପାଇ ବେଗୁନିଆ ବନପାଳ ପ୍ରିୟଦର୍ଶିନି ସେଠୀ କର୍ମଚାରୀଙ୍କ ସହ ପହଁଚି ମୃତକ ଭାଲୁର ଶବ ଜବତ କରି ବ୍ୟବଛେଦ ନିମନ୍ତେ ପଠାଇ ଥିଲେ। ଏଥିରେ ବନ ବିଭାଗ ପକ୍ଷରୁ ଭାଲୁଟିର ମୃତ୍ୟୁକୁ ନେଇ ତୀକ୍ଷଣ ନଜର ରଖିଥିବା ବେଳେ ଶୁକ୍ରବାର ଦିନ ସାଲତରା ଗ୍ରାମର ଆଦିବାସୀ ସାହିର ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚାଲୁ ରହିଛି। ଏ ନେଇ ଜିଲ୍ଲା ବନ ଉପଖଣ୍ଡ ଅଧିକାରୀ ଜୟକୃଷ୍ଣ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି କିଛି କହି ପାରିବେ ନାହିଁ ବୋଲି କହିଛନ୍ତି। ଏହା ସହକାରୀ ବନଖଣ୍ଡ ସଂରକ୍ଷକଙ୍କୁ ଯୋଗାଯୋଗ କରିବାକୁ ସୂଚନା ଦେଇଥିଲେ।

# ଛାତ୍ରୀଙ୍କୁ ଅଶ୍ଳୀଳ ଆଚରଣ ଅଭିଯୋଗରେ ଦୁଇ ଗିରଫ

ବାଲୁଗାଁ,୧୭।୪(ସମିସ) : ବାଲୁଗାଁ ଥାନା ଅଞ୍ଚଳର ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ବାଲୁଗାଁ ପୁଲିସ ଏଥିରେ ସମ୍ପୃକ୍ତ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ସ୍ଥାନୀୟ ଭଗବତୀ ପାଟଣା ଗ୍ରାମର ବିଘ୍ନେଶ୍ୱର ବେହେରା ଓ ପ୍ରଭାତ ବେହେରା। ଛାତ୍ରୀ ଜଣକ ଗୁରୁବାର ବିଦ୍ୟାଳୟକୁ ଯାଇ ଛୁଟି ହେବା ପରେ ପୂର୍ବାହ୍ନ ସମୟରେ ଘରକୁ ଫେରୁଥିବା ବେଳେ ବାଲୁଗାଁ ବଜାର ନିକଟରେ ଦୁଇ ଯୁବକ ବିଘ୍ନେଶ୍ୱର ଓ ପ୍ରଭାତ ଛାତ୍ରୀକୁ ଏକାକୀ ଦେଖି କମେଣ୍ଟ ପାସ କରିବା ସହ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିଥିଲେ। ପରବର୍ତ୍ତୀ ସମୟରେ ପରିବାର ଲୋକେ ଏ ନେଇ ବାଲୁଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ପୁଲିସ କହିଛି।

● ମହିଳା ନେତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ

# ଖୋର୍ଦ୍ଧା ବିଧାୟକଙ୍କ ନାଁରେ ସାଇବର ଥାନାରେ ଅଭିଯୋଗ

ଖୋର୍ଦ୍ଧା,୧୭।୪(ସମିସ): ମହିଳା କଂଗ୍ରେସ ନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା ମହଙ୍ଗା ପଡିଛି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ। ଏହାର ପ୍ରତିବାଦରେ ବିଧାୟକ ଜଗଦେବଙ୍କ ବିରୋଧରେ ନଗର କଂଗ୍ରେସ କମିଟି ପକ୍ଷରୁ ଖୋର୍ଦ୍ଧା ସାଇବର ଥାନାରେ ଆଜି ସନ୍ଧ୍ୟାରେ ଲିଖିତ ଅଭିଯୋଗ କରାଯାଇଛି। ଏକ ସାକ୍ଷାତକାରରେ ବିଧାୟକ ଜଗଦେବ କଂଗ୍ରେସର ବିଧାୟିକା ପ୍ରାର୍ଥୀ ତଥା କଂଗ୍ରେସ ନେତ୍ରୀ ସୋନାଲୀ ସାହୁଙ୍କ ବ୍ୟକ୍ତିତ୍ୱ, ଚରିତ୍ର ଏବଂ ଧର୍ମ ଆଧାରିତ ବିବାହକୁ ନେଇ ଆପତିଜନକ ମନ୍ତବ୍ୟ ଦେଇଥିବା ଏଥିରେ ଅଭିଯୋଗ ହୋଇଛି। ଅଭିଯୋଗ ପତ୍ର ପ୍ରଦାନବେଳେ ଖୋର୍ଦ୍ଧା ନଗର ସଭାପତି ରଣଜିତ ମହାପାତ୍ରଙ୍କ ନେତୃତ୍ୱରେ ଟାଙ୍ଗି ବ୍ଲକ ସଭାପତି ଶିଶିର ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଶେଖ ସାଜିଦ, ସାଦିକ ଖାନ, ବୁଲୁ ରାଉତ ପ୍ରମୁଖ କର୍ମୀମାନେ ଉପସ୍ଥିତଥିଲେ।

● ଅପେରା ଦେଖିବାକୁ ଆସି ଚୋରି ଉଦ୍ୟମ

# ଦୁଇ ଚୋରଙ୍କୁ କାବୁ କଲେ ଗ୍ରାମବାସୀ

ନିରାକାରପୁର,୧୭।୪ (ସମିସ): ପଣା ସଂକ୍ରାନ୍ତି ପାଇଁ ଚଳଚଞ୍ଚଳ ଗାଁ, ହେଲେ ଏହି ଉତ୍ସବର ସୁଯୋଗ ନେଇ ଚୋରି କରିବାକୁ ଯୋଜନା କରିଥିଲେ ଦୁର୍ବୃତ୍ତ। ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ସରପାରୀ ଗ୍ରାମରେ ଚୋରି କରୁଥିବା ବେଳେ ଦୁଇ ଜଣ ଚୋରଙ୍କୁ ଗ୍ରାମବାସୀ ଅଟକ ରଖି ପୁଲିସକୁ ହସ୍ତାନ୍ତର କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ ସ୍ଥାନୀୟ ଏକ ମନ୍ଦିର ବାରଣ୍ଡାରେ କିଛି ଲୋକ ଶୋଇଥିବା ବେଳେ ଚୋରମାନେ ସେମାନଙ୍କ ପ୍ୟାକେଟରୁ ମୋବାଇଲ୍ ଏବଂ ନଗଦ ଟଙ୍କା ଚୋରି କରି ନେଇଥିଲେ। ପୁନର୍ବାର ସେହି ସ୍ଥାନକୁ ଆସି ସେଠାରେ ରଖାଯାଇଥିବା କିଛି ବାଇକ୍‌ରୁ ପ୍ଲଗ୍ କାଢ଼ି ଫୋପାଡ଼ି ଦେବା ସହ ପୁଣି ଚୋରି କରିବାକୁ ଉଦ୍ୟମ କରିଥିଲେ। ଚୋରମାନଙ୍କ ଗତିବିଧି ଉପରେ ସ୍ଥାନୀୟ ଲୋକଙ୍କ ନଜର ପଡ଼ିଥିଲା। ଗ୍ରାମବାସୀ ଏକଜୁଟ ହୋଇ ଚଢ଼ାଉ କରିବାରୁ ଅନ୍ୟମାନେ ଫେରାର ହୋଇଯାଇଥିବା ବେଳେ ଦୁଇ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଧରାପଡ଼ିଥିବା ଦୁଇ ଜଣଙ୍କୁ କିଛି ସମୟ ଅଟକ ରଖିବା ପରେ ଜଂକିଆ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଅଭିଯୁକ୍ତଙ୍କୁ ହେପାଜତକୁ ନେଇଛି।

# ବାମପନ୍ଥୀ ଦଳ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଖୋର୍ଦ୍ଧା,୧୭।୪(ସମିସ): ସିଜିମାଳି ପର୍ବତ ଅଂଚଳରେ ବେଦାନ୍ତର ପ୍ରସ୍ତାବିତ ବକ୍ସାଇଟ୍ ଖଣି ପ୍ରକଳ୍ପକୁ ନେଇ ସୃଷ୍ଟି ହୋଇଥିବା ଜନ ଅସନ୍ତୋଷ, ଗାଁରେ ସଶସ୍ତ୍ର ପୁଲିସ ଦ୍ୱାରା ଲୋକଙ୍କୁ ଦମନ, ଗ୍ରାମସଭା ରେକର୍ଡରେ ଜାଲିଆତି, ଜଙ୍ଗଲ ଅଧିକାର ଆଇନ-୨୦୦୬ ଓ ପେସା ଆଇନ-୧୯୯୬ର ଉଲଂଘନ ଏବଂ ମିଥ୍ୟା ମାମଲାରେ ଗିରଫଦାରୀ




ପ୍ରତିବାଦରେ ୪ଟି ବାମପନ୍ଥୀ ରାଜନୈତିକ ଦଳ ର ଆହ୍ୱାନ କ୍ରମେ ଆଜି ଜିଲ୍ଲା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆଜି ପ୍ରତିବାଦ କରାଯାଇଛି। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୭ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟମଣ୍ଡିତ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି, ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ), ସିପିଆଇ (ଏମ୍‌ଏଲ୍) ରେଡ୍ ଷ୍ଟାର, ସିପିଆଇ (ଏମଏଲ) ଓ ସିପିଆଇ ନିଉ ଡେମୋକ୍ରସି ପକ୍ଷରୁ ମିଳିତ ଭାବେ ଆଜି ପ୍ରତିବାଦ ଦିବସ ପାଳିତ ହୋଇଛି। ରାଜ୍ୟ ସରକାର ଓ ବେଦାନ୍ତ କମ୍ପାନୀର ସ୍ୱାର୍ଥ ରେ ଆଦିବାସୀ ମାନଙ୍କୁ ଗିରଫ କରିବା ଏବଂ ପୁଲିସ ଆକ୍ରମଣ ରେ ବହୁ ଲୋକ ଲହୁ ଲୁହାଣ ଘଟଣା କୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଖୋର୍ଦ୍ଧା ସମ୍ପାଦକ ଅଶୋକ ସାହୁ, ଶ୍ରୀକାନ୍ତ ନାୟକ, କାର୍ତିକ ଘଡ଼େଇ, ଜୟନ୍ତ ମହାନ୍ତି, ସଂଘମିତ୍ରା ମହାପାତ୍ର, ପ୍ରଶାନ୍ତ ରାଉତରାୟ, ଅଶୋକ ସେଠି ପ୍ରମୁଖ ଯୋଗଦେଇ ନିନ୍ଦା କରିଛନ୍ତି।

# ‘ବିଜୁ ପଟ୍ଟନାୟକ ଓଡ଼ିଶାର ଗର୍ବ ଓ ଗୌରବ’






ଖୋର୍ଦ୍ଧା,୧୭।୪(ସମିସ):




ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୨୯ତମ ଶ୍ରାର୍ଦ୍ଧବାର୍ଷିକୀ ଅବସରରେ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ବିଜୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ନୂତନ ଓଡ଼ିଶାର ନିର୍ମାତା ହେଉଛନ୍ତି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ଭାରତୀୟ ରାଜନୀତିରେ ଜଣେ ସାହାସୀ ଓ ସ୍ୱାଭିମାନୀ ନେତା। ଓଡ଼ିଶା ମାଟିର ଜଣେ ସୁଯୋଗ୍ୟ ସନ୍ତାନ। ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ପାଇଁ ତାଙ୍କର ଅବଦାନ ଅତୁଳନୀୟ।ସେ କ୍ଷମତାରେ ଥାଆନ୍ତୁ ନଚେତ୍ ନଥାନ୍ତୁ ସର୍ବଦା ମହିଳା ଏବଂ ଯୁବପିଢ଼ିଙ୍କ ନିମନ୍ତେ ବହୁ ପଦକ୍ଷେପ ନେଉଥିଲେ। ଗାଁକୁ କାମ ଏବଂ ମା'କୁ ସମ୍ମାନ ଥିଲା ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ। ପଂଚାୟତରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ଥିଲା ତାଙ୍କର ପ୍ରଥମ ଲକ୍ଷ୍ୟ। ଯାହାକୁ ବିଜୁ ବାବୁଙ୍କ ସୁଯୋଗ୍ୟ ସନ୍ତାନ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରି ଦେଖାଇଛନ୍ତି ବୋଲି କହିଥିଲେ।

ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ସାଂସଦ ପ୍ରାର୍ଥୀ କ୍ୟାପଟେନ୍ ମନ୍ମଥ ରାଉତରାୟ, କାଉନ୍ସିଲର ଅନୀଲ ରାମ, ଅମୀୟ ମହାନ୍ତି, ପ୍ରଶାନ୍ତ ସେଠୀ, ମୋନାଲିସା ସିଂ ପ୍ରମୁଖ ଯୋଗଦେଇ ବିଜୁବାବୁ ଏକାଧାରରେ ସେ ଜଣେ ସ୍ୱାଧିନତା ସଂଗ୍ରାମୀ, ଦୁଃସାହସିକ ରାଜନିତିଜ୍ଞ, ଦୁର୍ଦ୍ଦଶ ପାଇଲଟ, ଯୁଗସ୍ରଷ୍ଟା ଓ ଦୂରଦ୍ରଷ୍ଟା ରାଜନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ।ଏଥିସହିତ ତାଙ୍କ ଉଦ୍ୟମରେ ପାରାଦୀପ ବନ୍ଦର, ହାଲ, ରାଉରକେଲା ଇସ୍ପାତ କାରାଖାନା, ରିଜିଓନାଲ କଲେଜ ଆଦି ପ୍ରତିଷ୍ଠା ହୋଇଥିଲା ବୋଲି ମତ ଦେବା ସହ ସେ ଇଣ୍ଡୋନେସିଆର ଭୂମିପୁତ୍ର ଉପାଧି

## ପ୍ରବାଦ ପୁରୁଷଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକୀ

ପାଇଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ କାଉନ୍ସିଲର ପ୍ରବୀଣା ଜଗଦେବ ରାୟ ଧନ୍ୟବାଦ ଦେଇଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରେ ରୋଗୀଙ୍କୁ ଫଳ ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ବିଜୁପ୍ରେମୀ, ମହିଳାମାନେ ସାମିଲ ହୋଇଥିଲେ।

**ବେଗୁନିଆ :** ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ପାର୍କ ପରିସରରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ପାଳନ ହୋଇଛି। ଏଥିରେ ବୋଲଗଡ ବ୍ଲକ ବିଜେଡ଼ି ସଭାପତି ବାନମ୍ବର ମାଝୀଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ଲାବଣ୍ୟ ଜୟସିଂହ, ଅକ୍ଷୟ କୁମାର ରାଉତରାୟ ଓ ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁଙ୍କ ସମେତ ବେଗୁନିଆ ଓ ବୋଲଗଡର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ ସଭ୍ୟଙ୍କ ସହ ବହୁ ବିଜୁପ୍ରେମୀ ଯୋଗ ଦେଇଥିଲେ।

**ଟାଙ୍ଗୀ:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ ତମ ଶ୍ରାଦ୍ଧ ଦିବସ ଶ୍ରୀ ରଘୁନାଥଦେବ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଟାଙ୍ଗୀ ପଞ୍ଚାୟତସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଦୀପ ମହାପାତ୍ର ସଭାପତିତ୍ୱ କରିଥିଲେ। ଅତିଥ ଭାବେ ଖୋର୍ଦ୍ଧା ଜିଲ୍ଲା ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ, ଆଇନଜୀବୀ ନିରଂଜନ ଦାସ, ଯୁବ ସମାଜସେବୀ ରମେଶ କୁମାର ବେହେରା ପ୍ରମୁଖ ଅତିଥିମାନେ ଯୋଗଦେଇ ପ୍ରଥମେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପାଗଳ କୁକୁର କାମୁଡ଼ାରେ ୧୫ ଆହତ

ବାଲୁଗାଁ,୧୭।୪(ସମିସ) : ଗତ ୧୪ ତାରିଖରେ ବାଲୁଗାଁ ଗାନ୍ଧିଛକ ନିକଟରେ ଏକ ପାଗଳ କୁକୁର ଘୁରି ବୁଲି ପ୍ରାୟ ୧୫ରୁ ଉର୍ଦ୍ଧ ଲୋକଙ୍କୁ କାମୁଡି ଥିବା ବେଳେ ପାଗଳ କୁକୁର କାମୁଡାର ଶିକାର ହୋଇ ଲେକେ ଗୁରୁତର ଆହତ ଅବସ୍ଥାରେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ଲୋକେ ଏନଏସିରେ ଅଭିଯୋଗ କରିଥିବା ସ୍ଥଳେ ଏନଏସିର କର୍ମଚାରୀ ମାନେ ବହୁ ଖୋଜାଖୋଜି କରି ମଧ ଉକ୍ତ ପାଗଳ କୁକୁରକୁ ପାଇ ନଥିଲେ। ଅଞ୍ଚଳରେ ବୁଲା କୁକୁରଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଜନା ଥିଲେ ମଧ ତାହା ସଫଳ ହେଉନାହିଁ।

# ବରିଷ୍ଠ ସାମ୍ବାଦିକଙ୍କୁ ସରପଞ୍ଚଙ୍କ ହତ୍ୟା ଧମକ

ଟାଙ୍ଗୀ,୧୭।୪ (ସମିସ) : ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ତଥା ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳଙ୍କୁ ବଡ଼ପାରୀ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ହତ୍ୟା ଧମକ ଦେଇଥିବା ସଂପର୍କରେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ଅନୁରୂପ ଭାବେ ସରପଞ୍ଚ ଶ୍ରୀ ଦାସ ମଧ ସାମ୍ବାଦିକ ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିବା ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳଙ୍କ ଠାରୁ ପ୍ରକାଶ। ଗତ ଫେବୃୟାରୀ ୨୭ ତାରିଖ ରେ ବଡ଼ପାରୀର ଜଣେ ବିବାହିତା ମହିଳା ଆତ୍ମହତ୍ୟା କରିଥିଲେ। ପୁଲିସ ଯଥାବିଧି ଏକ ଅପମୃତ୍ୟୁ ମାମଲା ମଧ ରୁଜୁ କରିଥିଲେ। ସାମ୍ବାଦିକ ଶ୍ରୀ ବିଶ୍ୱାଳ ନିଜର ଏକ ଇପେପରରେ ଖବର ପ୍ରକାଶ କରିଥିଲେ। ଗତକାଲି ଅପରାହ୍ନରେ ସରପଞ୍ଚ ଶ୍ରୀ ଦାସ ସାମ୍ବାଦିକ ଶ୍ରୀ ବିଶ୍ୱାଳ ଙ୍କ ବାସଭବନକୁ ଆସି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା କରି ନିଜେ ଆତ୍ମହତ୍ୟା କରିବେ ବୋଲି ଧମକଚମକ ଦେଇଥିବା ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା କୁ ପୃଥକ୍ ଦୁଇଟି ଲିଖିତ ଅଭିଯୋଗ କୁ ଆଧାର କରି ଦୁଇଟି ଷ୍ଟେସନ ଡାଏରି କରାଯାଇଥିବା ଓ ଘଟଣାର ସମାଧାନ ପାଇଁ ପୁଲିସ ଉଦ୍ୟମ କରୁଥିବା ଆଇଆଇସି ଶ୍ରୀ ଭୂଜବଳ ସୂଚନା ଦେଇଛନ୍ତି।

# କାଜୁ ମଞ୍ଜି ସଂଗ୍ରହ ବେଳେ ହାତୀ ସମ୍ମୁଖରେ ପଡ଼ି ଯୁବକ ଆହତ

ବେଗୁନିଆ, ୧୭।୪(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ- ଶଗଡ଼ଭଙ୍ଗା ରାସ୍ତା ମଝିରେ ଥିବା ଚିକିଚିକିଆ କାଜୁ ଜଙ୍ଗଲରୁ ଶୁକ୍ରବାର ଦିନ ସନ୍ଧ୍ୟାରେ ମଞ୍ଜି ସଂଗ୍ରହ କରୁଥିବା ବେଳେ ଏକ ହାତୀର ସମ୍ମୁଖରେ ପଡ଼ି ଥିବାରୁ ନିଜର ଉପସ୍ଥିତ ବୁଦ୍ଧି ଖଟାଇ ପାଖରେ ଥିବା ଏକ ପଥର ଖଣି ଭିତରକୁ ଡେଇଁ ପଡି ନିଜର ଜୀବନ ବଞ୍ଚାଇ ଥିବାର ଜଣାପଡ଼ିଛି। ସିକୋ ଗ୍ରାମର ସୁକୁଟା ପ୍ରଧାନ କାଜୁ ବଗିଚାରୁ ମଞ୍ଜି ସଂଗ୍ରହ କରୁଥିବାବେଳେ ହାତୀଟି ତାଙ୍କୁ ଆକ୍ରମଣ କରିବା ସମୟରେ ସେ ଖଣି ଭିତରକୁ ଡେଇଁ ପଡି ଚିତ୍କାର କରିଥିଲେ। ସେହି ସମୟରେ ସ୍ଥାନୀୟ ଗ୍ରାମର କିଛି ଯୁବକ ଶଗଡ଼ଭଙ୍ଗାରୁ ଫେରୁଥିବା ବେଳେ ଯୁବକଙ୍କ ଚିତ୍କାର ଶୁଣି ଘଟଣାସ୍ଥଳକୁ ଯିବାରେ ହାତୀଟି ସେମାନଙ୍କ ପାଟି ଶୁଣି ଜଙ୍ଗଲ ଭିତରକୁ ପଳାଇଥିଲା। ଏଥିରେ ଯୁବକ ଜଣଙ୍କର ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ବୋଲି ପରିବାର ସଦସ୍ୟ ସୂଚନା ଦେଇଛନ୍ତି।

# ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

ବେଗୁନିଆ,୧୭।୪ (ସମିସ): ବାଙ୍କୀ ଉପଖଣ୍ଡ ପୁଇଁଚା ପଞ୍ଚାୟତ ଅନ୍ତର୍ଗତ କଢ଼ାମଲ୍ ଗ୍ରାମରେ ପଣା ସଂକ୍ରାନ୍ତି ଅବସରରେ ମା' ମଙ୍ଗଳା ନାଟ୍ୟ ସଂସଦ ପକ୍ଷରୁ ତିନି ଦିନ ଧରି ଚାଲିଥିବା ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଉଦଯାପିତ ହୋଇଛି। ଏଥିରେ ଗ୍ରାମ୍ୟ କମିଟି ସଭାପତି ପ୍ରେମାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତା ଓ ନାଟ୍ୟ ସଂସଦର ସଭାପତି ପବିତ୍ର କୁମାର ସ୍ୱାଇଁଙ୍କ ସଂଯୋଜନାରେ ସମାଜସେବୀ ଧୂଳି ପ୍ରଧାନ ମୁଖ୍ୟଅତିଥି, ଗ୍ରାମ୍ୟ କମିଟି ସମ୍ପାଦକ ସବ୍ୟସାଚୀ ରାୟଗୁରୁ, ନାଟ୍ୟ ସଂସଦ ସମ୍ପାଦକ ଶ୍ରୀଧର ସ୍ୱାଇଁ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ବେହେରା ଓ ମାନବାଧିକାର ସଭାପତି ପ୍ରସନ୍ନ କୁମାର ଗୁରୁ, ବିଚାରକ ଶିଶିର କୁମାର ଆଚାର୍ଯ୍ୟ ଓ ରମେଶ ଚନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ପରେ ଭୋଗଡା ବାଲୁଙ୍କେଶ୍ୱର ନାଟ୍ୟ ସଂସଦର ନାଟକ ହା କୃଷ୍ଣ ବୋଲି ଯାଉ ଯିବ ପ୍ରଥମ, ଭାଟପଡା ସତ୍ୟ ନାରାୟଣ ପାଲା କମିଟି ନାଟକ ଜନମ ନେଇଛି କାନ୍ଦିବା ପାଇଁ ଓ କଢ଼ାମଲ୍ ମା ମଙ୍ଗଳା ନାଟ୍ୟ ସଂସଦ ଛାତିର କୋହକୁ ଦେଖିଛି କିଏ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ନାଟ୍ୟ ସଂସଦକୁ ଯଥାକ୍ରମେ ୨୦ ହଜାର ଟଙ୍କା ସହ ସିଲକପ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ନାଟ୍ୟ ସଂସଦକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।



# ଗାୟକ ବାଗ୍‌ଭୂଷଣ ଗୌରୀଶଙ୍କର ରଥ ଆଉ ନାହାନ୍ତି

ଚିଲିକା, ୧୭।୪(ସମିସ) : ଗାୟକ ବାଗ୍ ଭୂଷଣ ଗୌରୀ ଶଙ୍କର ରଥ ଆଉ ନାହାନ୍ତି।ନିଜ ଜନ୍ମସ୍ଥାନ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମସ୍ଥ ନିଜ ବାସ ଭବନଠାରେ ତାଙ୍କର ବିୟୋଗ ହୋଇଯାଇଛି। ମୃତ୍ୟୁ ସମୟକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ ଜନିତ ରୋଗରେ ପୀଡିତ ଥିଲେ। ସେ ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ହେଁ ପାଲାକୁ ଆଦରି ନେଇ ଥିଲେ।ସେ ଗାୟକ ରତ୍ନ ଲୋକନାଥ କରଙ୍କ ଶିଷ୍ୟ ଥିଲେ। ସେ ଜଣେ ଧୁରୀଣ ପାଲା ଗାୟକ ଥିଲେ। ଓଡ଼ିଶାର ବହୁ ଅନୁଷ୍ଠାନରେ ପାଲା ପରିବେଷଣ କରି ସମସ୍ତଙ୍କର ଆଦର ପାତ୍ର ହୋଇଥିଲେ। ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନ ଠାରେ ଶବ ସତ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ଚିଲିକାର ପୂର୍ବତନ ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ, ଚିଲିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଶ୍ରୀନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦ ରାଜ୍ୟ ଉପଦେଷ୍ଟା ଲଳିତ ମୋହନ ପଟ୍ଟନାୟକ, ଅଖଣ୍ଡ ପୁରୀ ଜିଲ୍ଲା ପାଲାଗାୟକ ପରିଷଦର ସ୍ଥାୟୀ ସଭାପତି ତଥା ଗାୟକ ଦକ୍ଷୀଣ କେଶରୀ ରାମଚନ୍ଦ୍ର କର, ନୀଳକଣ୍ଠ ହାଇସ୍କୁଲର ପ୍ରତିଷ୍ଠାତା ଡାକ୍ତର ମଧୁସୂଦନ ସେନାପତି ଓ ଚିଲିକା ପୂଜ୍ୟ ପୂଜା ସଂସଦର ସଭାପତି ଦିଲ୍ଲୀପ କୁମାର ଶତପଥୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ହନୁ ଆକ୍ରମଣରେ ରାଜମିସ୍ତ୍ରି ଗୁରୁତର

ନିରାକାରପୁର,୧୭।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳ ଏବେ ବଣୁଆ ମାଙ୍କଡ଼ଙ୍କ କବ୍‌ଜାରେ। କିଛି ଦିନର ଶାନ୍ତି ପରେ ପୁଣି ଥରେ ନିରାକାରପୁରରେ ମାଙ୍କଡ଼ଙ୍କ ହିଂସ୍ର ରୂପ ଦେଖିବାକୁ ମିଳିଛି। ଶୁକ୍ରବାର ଦିନ ଜଣେ କର୍ତ୍ତବ୍ୟରତ ରାଜମିସ୍ତ୍ରିଙ୍କୁ ଏକ ହନୁ ମାଙ୍କଡ଼ ଆକ୍ରମଣ କରି ଗୋଡ଼ରୁ ମାଂସ ତାଡ଼ି ନେଇଯାଇଥିବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ନିରାକାରପୁର ସାହିର ୩୯ ବର୍ଷୀୟ ରାଜମିସ୍ତ୍ରୀ ଶ୍ୟାମ ସୁନ୍ଦର ବେହେରା ଆଜି ସ୍ଥାନୀୟ ଚିତ୍ରକୁଟ ବିହାର ବିଦ୍ୟାଳୟର ମୁଖ୍ୟ ଫାଟକ (ଗେଟ୍) ଲଗାଇବା କାମରେ ବ୍ୟସ୍ତ ଥିଲେ। ଏହି ସମୟରେ ଏକ ହନୁ ମାଙ୍କଡ଼ ପଛ ପଟୁ ଆସି ତାଙ୍କ ଡାହାଣ ଗୋଡ଼ର ନଳୀ ପଛ ପାଖକୁ ଏଭଳି ଭାବେ କାମୁଡ଼ି ଧରିଥିଲା ଯେ ତାଙ୍କ ଗୋଡ଼ରୁ ପୁଳାଏ ମାଂସ ବାହାରି ଆସିଥିଲା। ଶ୍ୟାମଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ସ୍ଥାନାନ୍ତର କରିଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ମାଙ୍କଡ଼ କାମୁଡ଼ାରେ ପ୍ରାୟ ୩୦ରୁ ଅଧିକ ଲୋକ ଲହୁଲୁହାଣ ହୋଇଥିଲେ। ସେତେବେଳେ ବନ ବିଭାଗ ଗୋଟିଏ ମାଙ୍କଡ଼କୁ ଧରି ଅଞ୍ଚଳକୁ ସୁରକ୍ଷିତ ଘୋଷଣା କରିଥିଲା। ମାତ୍ର କିଛି ଦିନର ବ୍ୟବଧାନ ପରେ ପୁଣି ପାତି ଓ ହନୁ ମାଙ୍କଡ଼ଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗତ କିଛି ଦିନ ମଧ୍ୟରେ ନିରାକାରପୁର ସାହିର ୫ରୁ ଅଧିକ ମହିଳା ଓ ପୁରୁଷ ଏହି ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହେଉଛନ୍ତି।

# ପୁଲିସ ପକ୍ଷରୁ ଖୋଲିଲା ଜଳଛତ୍ର

ଖୋର୍ଦ୍ଧା,୧୭।୪(ସମିସ): ଆଜି ଜିଲ୍ଲା ପୁଲିସ ପକ୍ଷରୁ ଶିଙ୍ଗଂଚଳ ଥାନା ଅନ୍ତର୍ଗତ ଜଟଣୀ ବାଇପାସ୍ ଛକଠାରେ ଆରମ୍ଭ ହୋଇଛି ଜଳଛତ୍ର ସେବା। ଏସ୍‌ପି ବିବେକାନନ୍ଦ ଶର୍ମା ଏହାର ଶୁଭାରମ୍ଭ କରିଥିଲେ। ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ଏହିଭଳି ଶିବିର ଖୋଲାଯାଇ ଖରାରେ ଯାଉଥିବା ତୃଷାର୍ତ୍ତ ଲୋକମାନଙ୍କୁ ଜଳ ସେବା ପ୍ରଦାନ କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି। ଏସ୍‌ଆଇ ସ୍ୱାଗତିକା ଦାସ, ଏଏସଆଇ ଭଗବାନ ସ୍ୱାଇଁ, ଟୁକୁନା ସ୍ୱାଇଁ, ହାବିଲଦାର ବି.କେ. ପ୍ରତାପ ସିଂ, କନେଷ୍ଟବଳ ପ୍ରଦୀପ ହରିଚନ୍ଦନ, ଅନିତା ତରାଇ, ସାବିତ୍ରୀ ବଳିୟାରସିଂହ ପ୍ରମୁଖ ଜଳଛତ୍ର ସେବାକୁ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ: ବଜରଙ୍ଗବଳି ଘାଟିକିଆ ଚାମ୍ପିଅନ

ଖୋର୍ଦ୍ଧା,୧୭।୪(ସମିସ): ଖୋର୍ଦ୍ଧା ଉପକଣ୍ଠ ତରତୁଆ ରାଇଜିଙ୍ଗ ଷ୍ଟାର ସ୍ପୋଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାତ୍ରିକାଳୀନ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଂଟ ରେ ରାଇଜିଙ୍ଗ ଷ୍ଟାର କ୍ଲବ ତରତୁଆ, ଅହମଦିଆ ସ୍ପୋଟସ କ୍ଲବ କେରଙ୍ଗ, ଏସ.କେ କ୍ଲବ ବ୍ରହ୍ମପୁର, ଏ.ଜେ. କ୍ଲବ ପାଇକ ତିଗିରିଆ, ଏସ.ଏସ. କ୍ଲବ ଶରଧାପୁର, ଫ୍ରେଣ୍ଡସ ପାରାଡାଇଜ ଜଟଣୀ, ବଜରଙ୍ଗ ବଳି କ୍ଲବ ଘଟିକିଆ ଏବଂ ପ୍ରିନ୍ସ କ୍ଲବ ଖୋର୍ଦ୍ଧା ମୋଟ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଏସ.ଏସ କ୍ଲବ ଶରଧାପୁର ଏବଂ ବଜରଙ୍ଗବଳି ଘଟିକିଆ ମଧ୍ୟରେ ହୋଇଥିଲା। ଖେଳ ବହୁତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳର ଶେଷ ସମୟ ପର୍ଯ୍ୟନ୍ତ କେହି କାହାରିକୁ



ଗୋଲ ମାରିପାରି ନଥିବାରୁ ପରିଚାଳକ ଟାଇବ୍ରେକରର ସାହାଯ୍ୟ ନେଇଥିଲେ। ବଜରଙ୍ଗବଳି ଘାଟିକିଆ ୫-୪ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚକୁ ମିର୍ଜା ଅଲ୍ଲିବେଗ ପରିଚାଳନା କରୁଥଲେ। ତାଙ୍କୁ ସୁଶାନ୍ତ ମିଶ୍ର ଏବଂ ଚିତ୍ତରଞ୍ଜନ ପରିଡା ଲାଇନରେ ସହଯୋଗ କରିଥିବା ବେଳେ ମ୍ୟାଚ କମିଶନର ଭାବେ ଜମିର ଖାଁ ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ ଉତ୍ସବରେ ଅତିଥି ଭାବେ କୃଷ୍ଣଚନ୍ଦ୍ର ମହାନ୍ତି, ସରିଫ ଖାଁ, ଶାହିଦ ଖାଁ, ନସିମ ଖାଁ ଯୋଗଦେଇଥିଲେ। ଅମଜାଦ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ। ରାଇଜିଙ୍ଗ ଷ୍ଟାର କ୍ଲବ ତରତୁଆ ଆସୋସିଏସନ୍ ର ସମସ୍ତ କର୍ମକର୍ତ୍ତା ଏହି ଟୁର୍ଣ୍ଣାମେଟରେ ସହଯୋଗ କରିଥିଲେ।

# ହାତୀ ଆକ୍ରମଣରେ ଯୁବକ ମୃତ; ଉତ୍ତ୍ୟକ୍ତଙ୍କ ରାସ୍ତାରୋକ

ବେଗୁନିଆ,୧୭।୪ (ସମିସ): ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବଣୁଆ ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଥିବା ବେଳେ ୪ ମାସ ଭିତରେ ୪ ଟି ମୁଣ୍ଡ ନେଇଛି। ଜାନୁଆରୀ ମାସ ପ୍ରଥମ ସପ୍ତାହର ୨ ତାରିଖରେ ଡିଙ୍ଗର ପଞ୍ଚାୟତ ଅନ୍ତର୍ଗତ ଭୁଆସୁଣୀପାଟଣା ଗ୍ରାମର ପ୍ରିୟବ୍ରତ ପରିଡ଼ା, ଫେବୃୟାରୀ ମାସ ୭ ରିଖରେ ସିକୋ ପଞ୍ଚାୟତ ଅନ୍ତର୍ଗତ ଖଡ଼ିପଦର ଗ୍ରାମର ଶଙ୍କର ରାଉତରାୟ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ। ତେବେ ହଜ ପଞ୍ଚାୟତ ଅନ୍ତର୍ଗତ ନିଧିପୁର ଗ୍ରାମର ସୁଶାନ୍ତ କୁମାର ପ୍ରଧାନ (୩୫) ଟେଣ୍ଟ ହାଉସ କର୍ଯ୍ୟ ସରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ଶୁକ୍ରବାର ଦିନ ପୂର୍ବାହ୍ନରେ ସ୍ଥାନୀୟ ଲୋକମାନେ ଉତ୍ତେଜିତ ହୋଇ କ୍ଷତିପୂରଣ ଦାବିରେ ରଣପୁର-ଜଙ୍କିଆ ଜଗନ୍ନାଥ ସଡକରେ ୪ ଘଣ୍ଟା ଧରି ଅବରୋଧ ଭଳି ଆଇନ ଅମାନ୍ୟ ଆନ୍ଦୋଳନ ପନ୍ଥା ଆପଣାଇ ଥିଲେ। ଏଥିରେ ଘଟଣା ସ୍ଥଳରେ ବିଧାୟକ ପ୍ରଦୀପ କୁମାର ସାହୁ ପହଁଚି ଜନସାଧାରଣଙ୍କୁ ସମବେଦନା ଜଣାଇବା ସହ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ହଜାର ଟଙ୍କା ଚେକ୍ ପ୍ରଦାନ କରାଯାଇଥିଲା। ଏହା ସହ ଜଙ୍କିଆ ଥାନ ପୁଲିସ ଟାଙ୍ଗୀ ରେଞ୍ଜ ଅଧିକାରୀ ଦେବାଶିଷ ଭୋଇ ଉପସ୍ଥିତ ରହି ଅନୁକମ୍ପା ମୂଳକ ସହାୟତା ରାଶି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା।



